## ସଂକ୍ଷେପରେ

### ୬୧୩ ଲିଟର ଦେଶୀମଦ ଜବତ: ୭ ଗିରଫ



ଆୟୁଷ ଡାକ୍ତର ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।

ରାଉରକେଲା ଅଫିସ, ୨୯।୯: ରାଉରକେଲା ଅବକାରୀ ବିଭାଗ ଇନ୍ଦ୍ରାନଗର, ଲଙ୍କୋଇ, ପ୍ଲାଣ୍ଟସାଇଟ ଭଳି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୭ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଶଲେନ୍ଦ୍ର କୁମାର(୩୩), ରମେଶ ଡୁଙ୍ଗରୀ(୩୮), ମଞ୍ଜୟ ଚୌହାନ(୩୨), ଆନନ୍ଦ ଡୁଙ୍ଗୁରୀ(୪୩), ଫାଇଜନ ଖାତୁନ(୨୯), ସତେନ୍ଦ୍ର(୩୧) ଓ ସୁଲେନ୍ଦ୍ର କୁମାର(୪୪)। ପୋଲିସ ଚଢ଼ାଉ ସମୟରେ ଏହି ବ୍ୟବସାୟୀମାନଙ୍କ ଠାରୁ ମଦ ଜବତ କରାଯାଇଛି। ମୋଟ ୬୧୩ ଲିଟର ଦେଶୀମଦ ସହ ବଡ଼ବଡ଼ ବୋତଲ ଓ ଗିଲନ ଜବତ ହୋଇଛି।

### ପାଳିତ ହେଲା ପୁଅଜିଉଁତିଆ



ସୁନ୍ଦରଗଡ,୨୯।୯ (ଡି.ଏନ୍.ଏ) –ପଶ୍ଚିମ ଓଡିଶାର ମହାନ ପର୍ବ ପୁଅ ଜିଉଁତିଆ ବୁଧବାର ସୁନ୍ଦରଗଡ ତଥା ବିଭିନ୍ନ ପୁରପଲ୍ଲୀରେ ପାଳିତ ହୋଇଯାଇଛି। ଆଶ୍ୱିନମାସ କୃଷ୍ଣପକ୍ଷ ମୂଳାଷ୍ଟମୀ ତିଥିରେ ପାଳିତ ହୁଏ ଏହି ପର୍ବ। ସନ୍ତାନଙ୍କ ମଙ୍ଗଳ ମନାସି ମା’ମାନେ ଉପବାସ ରହି ମା’ଦୁର୍ଗା, ସୂର୍ଯ୍ୟପୁତ୍ର ଦ୍ୱିତୀବାହନକୁ ଆବାହନ କରି ଏହି ପର୍ବ ପାଳନ କରିଥାଆନ୍ତି। ଏକ ସ୍ୱତନ୍ତ୍ର ପୂଜାବିଧିରେ ପାଳିତ ଏହି ପର୍ବ ମୁଖ୍ୟତଃ ଦାଣ୍ଡରେ ଏକ ବେଦୀ କରାଯାଇ ଆଖୁ ଓ ଧାନ ଗଛକୁ ପୋତି ଉପରେ ଚାନ୍ଦୁଆ ଦେଇ ମା ଦୁର୍ଗା ଓ ସୂର୍ଯ୍ୟପୁତ୍ର ଦ୍ୱିତୀବାହନକୁ ପୂଜା କରାଯାଏ। ବିଭିନ୍ନ ଫଳ ଲେମ୍ବୁ, କମଳା, ଆତ, ଆଖୁ, ଓଉ ଆଦି ଅର୍ପଣ କରି ସନ୍ତାନଙ୍କ ମଙ୍ଗଳ ମନାସି ଥାଆନ୍ତି। ସୁନ୍ଦରଗଡ଼ ସହର ସମେତ ବିଭିନ୍ନ ସ୍ଥାନରେ ମହିଳାମାନେ ଏକାଠି ହୋଇ ଏହି ପୁଅଜିଉଁତିଆ ଓଷା ପାଳନ କରିଛନ୍ତି। ଗୁରୁବାର ପ୍ରଭାତରେ ମହିଳାମାନେ ବିଭିନ୍ନ ନଦୀଘାଟ ଓ ଜଳାଶୟଗୁଡିକରେ ପୂଜା କରି ଘରକୁ ଫେରି ସନ୍ତାନଙ୍କୁ ଦୂବ ଅକ୍ଷତରେ ବନ୍ଦାପନା କରି ଏହି ଓଷା ସମାପନ କରିଥାଆନ୍ତି।

### କର୍କଟ ରୋଗରେ ପୀଡିତା ମହିଳାଙ୍କ ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇଲେ ବିଜେଡି କର୍ମକର୍ତ୍ତା

ସୁନ୍ଦରଗଡ,୨୯।୯(ଡି.ଏନ.ଏ.)– ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ କୁଚେଡେଗା ପଞ୍ଚାୟତ ପାଣ୍ଡିଆପାଳିର ଜଣେ ଗରିବ ମହିଳା ଚନ୍ଦ୍ରକାନ୍ତି ନାଏକ। ବୟସ ୫୫ବର୍ଷ। ସେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ସ୍ମାର୍ଟ କାର୍ଡ ମଧ୍ୟ ପାଇଛନ୍ତି। ଉକ୍ତ ମହିଳା କର୍କଟ ରୋଗରେ ଆକ୍ରାନ ହୋଇ ଚିକିତ୍ସା ପାଇଁ ଭୁବନେଶ୍ୱର ଯାଇଛନ୍ତି। ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଦେଖାକରି ଏହି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

# ଆୟୁଷ ଡାକ୍ତର ସଂଘ ପକ୍ଷରୁ ସ୍ମାରକପତ୍ର

ଦେବଗଡ଼,୨୯।୯(ଡି.ଏନ୍.ଏ.)

ସ୍ଥାୟୀ ନିଯୁକ୍ତି ଦାବିରେ ନିଖିଳ ଓଡିଶା ଆୟୁଷ ଡାକ୍ତର ସଂଘ , ଦେବଗଡ ଜିଲା ଶାଖା ପକ୍ଷରୁ ବୁଧବାର ଦେବଗଡ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜିଲାର ତିନୋଟି ଯାକ ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ନିଖିଳ ଓଡିଶା ଆୟୁଷ ଡାକ୍ତର ସଂଘ, ଦେବଗଡ ଜିଲା ଶାଖା ସଭାପତି ଦୀପକ ରଞ୍ଜନ ମହାପାତ୍ର, ଉପସଭାପତି କେଦାର ଧଳ, ସମ୍ପାଦକ ଡକ୍ଟର ଅମୀୟ ଦାସ, ନମିତା ସ୍ୱାଇଁ, ଯଶୋବନ୍ତ ପ୍ରଧାନ, ହିମାଂଶୁ ଶେଖର ପ୍ରଧାନ, ଦେବେନ୍ଦ୍ର କୁମାର ସାହୁ ଓ ତପନ କୁମାର ସାହୁଙ୍କ ନେତୃତ୍ୱରେ ବହୁ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ସାକ୍ଷାତକରି ଏମର୍ମରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋଜ କୁମାର ଉପାଧ୍ୟାୟଙ୍କୁ ମଧ୍ୟ ସାକ୍ଷାତକରି ଏ ସମ୍ବନ୍ଧିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ଆଗାମୀ ୩୦ ତାରିଖ ମଧ୍ୟରେ ସେମାନଙ୍କର ଦାବି ପୂରଣ ନ ହେଲେ ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ସମଗ୍ର



ଆୟୁଷ ଡାକ୍ତର ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।

ରାଜ୍ୟରେ ଆୟୁଷ ଡାକ୍ତରମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଉକ୍ତ ସ୍ମାରକପତ୍ର ମାଧ୍ୟମରେ ଲିଖିତ ଚେତାବନୀ ଦେଇଥିଲେ । ଦେବଗଡ଼ ଜିଲାର ୯ ଜଣ ଆୟୁଷ ଡାକ୍ତର ସମେତ ରାଜ୍ୟରେ ମୋଟ ୧୧୫୫ ଜଣ ଆୟୁଷ ଡାକ୍ତର ୨୦୦୭ ମସିହାରୁ ବିଭିନ୍ନ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟକରି ଆସୁଛନ୍ତି। ଦୀର୍ଘ ୧୪ ବର୍ଷ ଧରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ଚୁକ୍ତି ଭିତ୍ତିରେ କାର୍ଯ୍ୟ କରୁଥିଲେ ମଧ୍ୟ ଏହି ଡାକ୍ତରମାନଙ୍କର ନିଯୁକ୍ତିକୁ ନିୟମିତ କରା ନ ଯିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଆୟୁଷ ଡାକ୍ତରମାନଙ୍କର ନିଯୁକ୍ତିକୁ ନିୟମିତ କରାଯିବା ନେଇ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ପ୍ରତିଶୃତି ଦିଆଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ସେମାନେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ବିଶେଷ ଭାବେ ପଞ୍ଚାୟତସ୍ତରରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବାରେ ଆୟୁଷ ଡାକ୍ତରଙ୍କର ଉଲ୍ଲେଖନିୟ ଭୂମିକା ରହିଥିବାବେଳେ ସରକାର ସେମାନଙ୍କୁ ଉପେକ୍ଷା କରିବା ଆଦୌ ଗ୍ରହଣ ନୁହେଁ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ।

# ବ୍ୟସ୍ତବହୁଳ ଜୀବନ ହୃଦୟ ପାଇଁ କ୍ଷତିକାରକ: ଏସ୍‌ପି




ବିଶ୍ୱ ହୃଦୟ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ରାଉରକେଲା ଅଫିସ, ୨୯।୯:

ଅମର ଭବନ ପରିସରରେ ରାଜସ୍ଥାନ ପରିଷଦ ପକ୍ଷରୁ ସଭାପତି ଶୈଳେନ୍ଦ୍ର ମାରୁଥିଆଙ୍କ ଅଧ୍ୟକ୍ଷତାରେ ବିଶ୍ୱ ହୃଦୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଜିକାଲି ଆଧୁନିକ ଯୁଗରେ ବ୍ୟସ୍ତବହୁଳ ଜୀବନ ଓ ମାନସିକ ଚାପ ଭିତରେ ମଣିଷ ରହୁଥିବା ଯୋଗୁ (ହୃଦରୋଗ) ହାର୍ଟରୋଗ ହେବାର ଅଧିକ ଆଶଙ୍କା ଥାଏ ବୋଲି ଏସ୍‌ପି ଭାମୁ ବକ୍ତବ୍ୟରେ କହିଥିଲେ। ଯୋଗ ଓ ଚାପମୁକ୍ତ ଜୀବନଧାରଣ କରିବା ପାଇଁ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ମତ ପ୍ରକାଶ କରିଥିଲେ। ହୃଦୟ ଦିବସ ପାଳନ ଅବସରରେ ପରିଷଦ ପକ୍ଷରୁ ମାଗଣା ହୃଦୟ ପରୀକ୍ଷଣ କ୍ୟାମ୍ପ ଆୟୋଜନ କରାଯାଇଥିଲା। ଏଥିରେ ସହରର ବିଭିନ୍ନ ସ୍ଥାନରୁ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଲୋକେ ନିଜର ହୃଦୟ ପରୀକ୍ଷଣ କରିଥିଲେ। ଏଥିରେ ଜୟପ୍ରକାଶ ମେଡିକାଲର ଚେୟାରମ୍ୟାନ ସଞ୍ଜୟ ବଂସଲ ଓ ଡକ୍ଟର ଚନ୍ଦନ ବଂସଲ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପରିଷଦର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଧାରଣ ସମ୍ପାଦକ ପବନ ସିଙ୍ଗିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଛେଣ୍ଡରେ ଇରମ ଶହୀଦ ଦିବସ ପାଳିତ

ରାଉରକେଲା ଅଫିସ, ୨୯।୯:

ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ବାସୁଦେବପୁର ଜନକଲ୍ୟାଣ ସମିତି ପକ୍ଷରୁ ଇରମ ଶହୀଦ ସ୍ମୃତି ଦିବସ ଡ. ରବୀନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ସମିତିର ସାଧାରଣ ସମ୍ପାଦକ ଲକ୍ଷ୍ମଣନାଥ ଦାସଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ମିଶନ ନିର୍ଦ୍ଦେଶକ ଡା. ଲଲାଟ ଇନ୍ଦୁ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲା ସ୍ୱତନ୍ତ୍ର କାରାଗାର ଜେଲର ନିରାକାର ପାଢ଼ୀ, ହୃଷିକେଶ ରାୟ ମହାବିଦ୍ୟାଳୟର ପ୍ରାଧ୍ୟାପକ ଭବେଶ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ରାଜୀବ ପାଣି ମୁଖ୍ୟବକ୍ତା ଭାବେ ଯୋଗଦେଇ ଇରମ ଶହୀଦ ଦିବସ ପାଳନର ଆବଶ୍ୟକତା ଉପରେ ବିଭିନ୍ନ ମତ ରଖିଥିଲେ। ପ୍ରାରମ୍ଭରେ ରମାକାନ୍ତ ବେହେରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କୁ ବିବେକା ନନ୍ଦ ପଣ୍ଡା ସହଯୋଗ କରିଥିଲେ। ଏହି ଅବସରରେ ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖ ଇଂରେଜ ଫୌଜଙ୍କ ଗୁଳିମାଡ଼ରେ ପ୍ରାଣବଳି ଦେଇଥିବା ୨୯ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ସହ ଗତ ଏକବର୍ଷ ମଧ୍ୟରେ ପରଲୋକ ହୋଇଥିବା ଅନୁଷ୍ଠାନର ସଭ୍ୟ ବିଜୟରାମ ମହାପାତ୍ର, ଅମୂଲ୍ୟ କୁମାର ମହାପାତ୍ର, ନିରୋଦ କୁମାର ମହାନ୍ତି, ପର୍ଶୁରାମ ପଣ୍ଡା, ଯଦୁନାଥ ଦାସ, ବନମାଳି ଧୂପାଳ, ପ୍ରତିମା ପାଢ଼ୀ, ଅଭିଷେକ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଯୁକ୍ତ ଦୁଇ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଜୟଶ୍ରୀ ପିୟଦର୍ଶନୀଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟରେ ସସ୍ମିତା ମହାପାତ୍ରଙ୍କ ସଂଯୋଜନାରେ ଦେଶାତ୍ମକବୋଧକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି ଓ କବିୟତ୍ରୀ ନିଜସ୍ୱ ରଚିତ କବିତା ପାଠ କରିଥିଲେ। ଶେଷରେ ଉଦୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍‌ସିଏଲ୍ ମୁଖ୍ୟ ମହାପ୍ରବନ୍ଧକଙ୍କୁ ଭେଟିଲେ ବିଧାୟିକା

ସୁନ୍ଦରଗଡ଼,୨୯।୯(ଡି.ଏନ.ଏ.)– ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ଯୋଗାଇଦେବା ନେଇ ବୁଧବାର ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଏମ୍‌ସିଏଲ ମୁଖ୍ୟ ମହାପ୍ରବନ୍ଧକ ପ୍ରଭାତ କୁମାର ସିହ୍ନାଙ୍କୁ ବୁର୍ଲା ସ୍ଥିତ ଜ୍ୟୋତିବିହାର ମୁଖ୍ୟ କାର୍ଯ୍ୟାଳୟରେ ଭେଟି ଦାବି ଜଣାଇଛନ୍ତି। ବିଧାୟିକାଙ୍କ ଦାବି ଥିଲା ବିସ୍ଥାପିତ ପ୍ରକଳ୍ପ ଅଞ୍ଚଳରେ ସ୍ଥାନୀୟ ସମସ୍ୟାର ଶୀଘ୍ର ସମାଧାନ, ହେମଗିରି ଠାରୁ ସୁନ୍ଦରଗଡ଼ ରାସ୍ତା ପ୍ରଶସ୍ତୀକରଣ ପାଇଁ ପାଣ୍ଠି ଯୋଗାଇଦେବା, କୋଇଲା ଖଣିରେ ଫାଷ୍ଟ କମ ଫାଷ୍ଟ ଲୋଡ଼କୁ ଗୁରୁତ୍ୱର ସହ ଆରମ୍ଭ କରିବା, ବିସ୍ଥାପିତ ପ୍ରକଳ୍ପ ଜନତାଙ୍କ ଅଞ୍ଚଳରେ ଚେକଡେମ ନିର୍ମାଣ, ସମସ୍ତ ଗ୍ରାମରେ କୀର୍ତ୍ତନ ମଣ୍ଡପ ସହ ଗୋଷ୍ଠୀ କେନ୍ଦ୍ର ନିର୍ମାଣ, ସ୍ଥାନୀୟ ବେକାରୀ ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରିବା ଉପରେ ଗୁରୁତ୍ୱ, ପ୍ରତି ବ୍ଲକରେ ଷ୍ଟାଡିୟମ ନିର୍ମାଣ, ବାଙ୍କୀବାହାଲ –ଟପରିଆ ରାସ୍ତା ଲୋକାର୍ପିତ କରିବା, ପର୍ଯ୍ୟଟନ କ୍ଷେତ୍ରର ବିକାଶ କରିବା, ମେଶିନ ସାହାଯ୍ୟରେ ରାସ୍ତା ଉପରେ ଜମା ହୋଇ ରହୁଥିବା କୋଇଲା ଗୁଣ୍ଡକୁ ସଫା କରିବା ନେଇ ଦାବି ଜଣାଇଥିଲେ। ଏଥିରେ ପ୍ରବନ୍ଧକ ସିହ୍ନା ନିଜର ସହମତି ଜଣାଇ ଏହା ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ବିଧାୟିକାଙ୍କ ସଙ୍ଗେ ଏହି ଆଲୋଚନାରେ ଏମସିଏଲର ବହୁ ବରିଷ୍ଠ ଅଧିକାରୀ ସଙ୍ଗେ ବିଧାୟିକାଙ୍କ ପ୍ରତିନିଧି ଅସୀମ ପଟେଲ ଭାଗ ନେଇଥିଲେ।

# ଇସ୍ପାତ ସାହିତ୍ୟ ସଂସଦର ନାରୀକବି ସମ୍ମିଳନୀ




ନାରୀ କବି ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ରାଉରକେଲା ଅଫିସ, ୨୯।୯:

ସହରର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ନାରୀ କବି ସମ୍ମିଳନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ମଞ୍ଜୁଳା ରଥ ସଭାପତିତ୍ୱ କରିଥିଲେ। କବି ସସ୍ମିତା ମହାପାତ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଡ. ଜ୍ୟୋତ୍ସ୍ନା ପଟ୍ଟନାୟକ ମୁଖ୍ୟ ଅତିଥି ଓ ଅଧ୍ୟାପିକା ମହେଶ୍ୱେତା ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସଭାପତି ତ୍ରିଲୋଚନ ମଥାନଙ୍କ ସହ ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭିତ୍ତିପ୍ରବନ୍ଧ ପାଠକରି ଡଲିରାଣୀ ବ୍ରହ୍ମା ଗଳ୍ପ ସାହିତ୍ୟ ଓ ନାରୀ ଲେଖନୀ ଉପରେ ଆଲୋକପାତ କରିଥିଲେ। ନୂତନ ସଦସ୍ୟତା ଗ୍ରହଣ କରିଥିବା ନାରୀ କବି ତପସ୍ୱିନୀ ବହିଦାର ବବିତା ମହାନ୍ତି, ନିହାରିକା ବହିଆ, ସୁକାନ୍ତି ନାୟକ, ନିରୁପମା ପତି ଓ ଗୀତାରାଣୀ ବେହେରାଙ୍କୁ ସ୍ୱାଗତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠ କାର୍ଯ୍ୟକ୍ରମ ହୋଇଥିଲା। ଡ. କିଶୋରୀ ଦାସ ଅଧ୍ୟକ୍ଷତା କରିଥିଲେ। କବୟିତ୍ରୀ ବିଜୟିନୀ ଜେନା, ଉର୍ବଶ୍ରୀ ଦାସଙ୍କ ସଂଯୋଜନାରେ ଏହି କବିତା ପାଠ ଅନୁଷ୍ଠିତ ହୋଇଥିଲା। କବି ଯୁସସା ପଟେଲ ଧନ୍ୟବାଦ ଦେଇଥିଲେ।

# ଖଣି ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଜନଶୁଣାଣି

ଟେନ୍‌ସା,୨୯।୯(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୋଇଡା ମାଇନିଂ ସେକ୍ଟର ଅନ୍ତର୍ଗତ ଡେଙ୍ଗୁଲା ଗ୍ରାମପଞ୍ଚାୟତର ଜଲଡ଼ି, କଲମଙ୍ଗ, ସିଡିମ୍ବା, ତନ୍ତା ଗ୍ରାମରେ ଥିବା ମେସର୍ସ କେଜେଏସ୍‌ଟି ଜଲଡ଼ି ଲୌହଖଣିର ଉତ୍ପାଦନ କ୍ଷମତା ବୃଦ୍ଧି ନିମନ୍ତେ ବୁଧବାର ସର୍ବସମ୍ମତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। କୋଇଡା ତହସିଲର ୧୮୮.୨୬୮ ହେକ୍ଟର ପରିମିତ ଅଞ୍ଚଳରେ ପ୍ରବୋଧ ମହାନ୍ତି କେଜିଏସ୍‌ଟି ଲୌହ ଖଣିର ଲୌହ ପଥର, ମାଙ୍ଗାନିଜ, ବକ୍ସାଇଟି ଉତ୍ତୋଳନ ପାଇଁ ବାର୍ଷିକ ମୋଟ୪.୫୩୮ ଟନ ବୃଦ୍ଧି ନିମନ୍ତେ ସିଡିମ୍ବା ଗୋଷ୍ଠୀ କେନ୍ଦ୍ରଠାରେ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରାଉରକେଲା ଆଞ୍ଚଳିକ ଅଧିକାରୀ ଡ଼. ପ୍ରକାଶ କୁମାର ମହାପାତ୍ର, ବୈଜ୍ଞାନିକ ଦୀପକ ସାହୁ, ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ, କୋଇଡା ତହସିଲଦାର, ଡିଏସ ଶୁଭଦର୍ଶୀ ଯୋଶୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ କେଜେଏସ୍‌ଟି ଲୌହ ଖଣିର ମାଲିକ ପ୍ରବୋଧ ମହାନ୍ତି ଉତ୍ପାଦନ କ୍ଷମତା ବୃଦ୍ଧି ହେଲେ ପାରିପାର୍ଶ୍ୱିକ ଅଞ୍ଚଳରେ କି ପ୍ରଭାବ ପଡିବ ଓ ଏହାର କିପରି ପ୍ରତିକାର କରାଯିବ ଏ ସମ୍ପର୍କରେ



ଜନଶୁଣାଣିରେ ଉପସ୍ଥିତ ଅଧିକାରୀ।

ଜନସାଧାରଣଙ୍କୁ ଅବଗତ କରାଇବା ପରେ ମତାମତ ଲୋଡ଼ା ଯାଇଥିଲା। ବଣାଇ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଡେଙ୍ଗୁଲା ଗ୍ରାମପଞ୍ଚାୟତର ସରପଞ୍ଚ ଅସମତୀ ମୁଣ୍ଡା, ଭାଜପା ଜିଲା ସଭାପତି ଅନୀଲ ବାର୍ଲା, କୋଇଡା ବିଜେଡି ସଭାପତି ରବିନାରାୟଣ ମିଶ୍ର, ପୂର୍ବତନ ଜିଲା ପରିଷଦ ମେମ୍ବର ପରମେଶ୍ୱର ନାଏକ, ପୂର୍ବତନ ସରପଞ୍ଚ ଚକ୍ରଧର ଦେହୁରୀ, ଲକ୍ଷ୍ମୀନାରାୟଣ ଜୟସ୍ୱାଲସ୍, ସ୍ଥାନୀୟ ଗ୍ରାମର ମନ୍ଦା ମହାକୁଡ଼, ବାମନ ଦେହୁରୀ, ରାଧା ମହାକୁଡ଼, ଫଗୁ ବାରିକ, ସୁମିତ୍ରା ମହାକୁଡ଼, ମାଳତୀ ଭଦ୍ରା, ଡାଲିମ୍ବ ନାଏକ, ପିଣ୍ଡେଇ ଦେହୁରୀ, କୋଇଡା ସରପଞ୍ଚ ସନ୍ଧ୍ୟାରାଣୀ ନାଏକ, ଜିଲା ବିଜେଡ଼ି ଯୁବ ସଭାପତି ଅଭିନାଶ ସୁମନ ବାଗେ, ଜଦୁମଣୀ ନାଏକ, ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ ସମେତ ୪୦ରୁ ଊର୍ଦ୍ଧ୍ୱ ଲୋକ କେଜେଏସ୍‌ଟି ଲୌହ ଖଣି ସପକ୍ଷରେ ମତାମତ ଦେଇଥିଲେ। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଗ୍ରାମକୁ ପାନୀୟଜଳ, ବିଜୁଳି , ଆମ୍ବୁଲାନ୍ସ ଯୋଗାଣ, ରାସ୍ତାଘାଟର ଉନ୍ନତିକରଣ, ଖେଳ ପଡ଼ିଆର ଉନ୍ନତିକରଣ, ଅଧିକ ବୃକ୍ଷ ରୋପଣ, ଝରଣାର ଉନ୍ନତିକରଣ ଆଦି ଗ୍ରାମବାସୀ ଦାବି କରିଥିଲେ। ଖଣି ଉତ୍ପାଦନ ବୃଦ୍ଧି ହେଲେ ଗ୍ରାମର ସମସ୍ତ ଦାବିକୁ ପୂରଣ କରାଯିବ ବୋଲି କେଜେ ଏସଟି ଲୌହ ଖଣି ମାଲିକ ପ୍ରବୋଧ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। କେଜେଏସ୍‌ଟି ଲୌହ ଖଣି ମାଲିକଙ୍କ ସହ ପବିତ୍ର ମୋହନ ମହାନ୍ତି, ଖଣି ଜିଏମ ଉପସ୍ଥିତ ଥିଲେ।

# ଲତା ମଙ୍ଗେସକରଙ୍କ ଜନ୍ମଦିନ ପାଳିତ

ରାଉରକେଲା ଅଫିସ,୨୯।୯

ଲତା ଫ୍ୟାନ୍ସ କ୍ଲବ ପକ୍ଷରୁ ଅନଲାଇନ ମାଧ୍ୟମରେ ଲତା ମଙ୍ଗେସକରଙ୍କ ୯୨ତମ ଜନ୍ମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ସାମାଜିକ ଗଣମାଧ୍ୟମ ଜରିଆରେ ପ୍ରସାରିତ ଏହି ସଙ୍ଗୀତ ସନ୍ଧ୍ୟାରେ ବିଶ୍ୱର ବିଭିନ୍ନ ଦେଶରୁ ଲତା ମଙ୍ଗେସକରଙ୍କ ବିପୁଳ ପ୍ରଶଂସକ ଯୋଡ଼ି ହୋଇଥିଲେ। ଇସ୍ପାତ ନଗରୀର ବହୁ ପ୍ରତିଭାବାନ କଣ୍ଠଶିଳ୍ପୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଲତାଙ୍କ ଅଭୁଲା ଗୀତକୁ ପରିବେଷଣ କରିଥିଲେ।

# ଡାକ୍ତରଖାନାରୁ ଚୋରି ଉଦ୍ୟମ: ୨ଗିରଫ

- ଚୋରି କରିବାକୁ ଆସି ଶୋଇପଡ଼ିଲେ
- ଲୋକଙ୍କ ହାତରେ ଧରାପଡ଼ିଲେ

ରାଜଗାଙ୍ଗପୁର, ୨୯।୯(ଡି.ଏନ.ଏ.)

ରାଜଗାଙ୍ଗପୁର ଆଇଟି କଲୋନି ସ୍ଥିତ ଇଏସ୍‌ଆଇ ଡାକ୍ତରଖାନାରୁ ଚୋରି ଅଭିଯୋଗରେ ରାଜଗାଙ୍ଗପୁର ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ମଙ୍ଗଳବାର ରାତିରେ କେତେଜଣ ଦୁର୍ବୃତ୍ତ ଡାକ୍ତରଖାନାରେ ପଶି ଡାକ୍ତରଖାନାରୁ ଫ୍ୟାନ ସହ ଅନ୍ୟାନ୍ୟ ସାମଗ୍ରୀ ନେଇଥିଲେ। ଡାକ୍ତରଖାନାର ଏକ ଫାଙ୍କା କୋଠରୀକୁ ଯାଇ ସେଠାରେ ରଖି ଭୋର ହେଲେ ନେଇ ପଳାଇବା ଭାବି ଶୋଇପଡିଲେ। ସକାଳେ ଡାକ୍ତରଖାନା କର୍ମଚାରୀମାନେ ଆସି ଏଭଳି ପରିସ୍ଥିତି ଦେଖି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ରାଜଗାଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦେଖିବାକୁ ପାଇଥିଲା ଯେ, ୨ଜଣ ଚୋରୀ ସାମଗ୍ରୀ ସହ ଗୋଟିଏ କୋଠରୀରେ ଶୋଇଛନ୍ତି। ପୋଲିସ ତଦନ୍ତ ପରେ ଜଣାପଡିଥିଲା ଯେ, ଚୋର ଦ୍ୱୟ ୨ଭାଇ ଡେଭିଡ କେରକେଟା ଓ ପିଟର କେରକେଟା। ରାଜଗାଙ୍ଗପୁର ଅଞ୍ଚଳର ବାରୁପଡା ନିବାସୀ ଓ ଉଭୟ ମଦ୍ୟପାନ କରି ଚୋରି କରିବା ପାଇଁ ଆସିଥିଲେ। ଚୋରି କରିବା ପରେ ଶୋଇପଡିଥିଲେ। ପୋଲିସ ଉଭୟଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଏହା ଏକ ଭିନ୍ନ ଧରଣର ଚୋରି ଉଦ୍ୟମ ବୋଲି ଚର୍ଚ୍ଚା ରହିଛି।



ସୁନ୍ଦରଗଡ଼ ଜିଲା ବଡ଼ଗାଁ ଲଟାପଡ଼ାରେ ବୁଧବାର ମା’ମାନେ ପୁଅଙ୍କ ମଙ୍ଗଳମନାସୀ ପୁଅଜୀଉନ୍ତିଆ ଓଷା ପାଳନ କରୁଛନ୍ତି।





ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ତହସିଲ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଚାନ୍ଦିପୋଷ ବାଲିଘାଟକୁ ଗ୍ରାମ୍ୟ ଉନ୍ନୟନ ରାସ୍ତା ଦେଇ ଯାଉଥିବା ଭାରିଯାନଗୁଡ଼ିକ ଯୋଗୁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ୁଥିବା ପ୍ରତିବାଦରେ ବୁଧବାର ଗ୍ରାମବାସୀଙ୍କ ରାସ୍ତାରୋକୋ ଆନ୍ଦୋଳନ।

## ମରୁଡ଼ି ଘୋଷଣା ଦାବିରେ ଧାରଣା

ପାଇକମାଳ,(ଡି.ଏନ.ଏ): ବରଗଡ ଜିଲା ପାଇକମାଳ ବ୍ଲକକୁ ମରୁଡି ଘୋଷଣା ଦାବିରେ ଆଞ୍ଚଳିକ କୃଷକ ମହାସଂଘ,ମାଣ୍ଡୋଷିଲ ତରଫରୁ ବୁଧବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପାଇକମାଳ ତହସିଲଦାର ମନୋଜ କୁମାର ମେହେର ଧାରଣାରତ ଚାଷୀଙ୍କ ସହ ଆଲୋଚନା କରି ଦାବିପତ୍ର ଗ୍ରହଣ କରିଥିଲେ। ଚାଷୀମାନେ କିପରି ଉଚିତ୍ ଦରରେ ଧାନ ବିକ୍ରି କରିପାରିବେ ଓ ପାଇକମାଳ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରାଯିବା ନେଇ ତହସିଲଦାରଙ୍କ ସହ ଚାଷୀମାନେ ଆଲୋଚନା କରିଥିଲେ । ଧାରଣାରେ ରବିନାରାୟଣ ସାହୁ,ଗିରିଶ ଦଣ୍ଡସେନା,ଗଣେଶ ପ୍ରଧାନ, ଗୁପତରାମ ବାରିକ, ଡାଇମଣ୍ଡ ଭୁଏ, ନୃସିଂହ ବନଛୋର ପ୍ରମୁଖ ସାମିଲ ଥିଲେ ।

**ସଂକ୍ଷେପରେ**

## ଗଞ୍ଜେଇ ଜବତ, ଜଣେ ଗିରଫ



**ରେଢ଼ାଖୋଲ,୨୯।୯ (ଡି.ଏନ.ଏ.):** ରେଢ଼ାଖୋଲ ଅବକାରୀ ବିଭାଗ କର୍ମଚାରୀ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ବୁଧବାର କିସିଣ୍ଡା ଥାନା ଅନ୍ତର୍ଗତ ମାଛଡିହି ଗ୍ରାମର ଶଶିଭୂଷଣ ମାଝି (୩୫)ଙ୍କୁ ଗିରଫ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ ରେଢ଼ାଖୋଲ ଅତିରିକ୍ତ ଦୌରାଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାମତେ ବୁଧବାର ଅବକାରୀ କର୍ମଚାରୀ କିସିଣ୍ଡା ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଶଶିଭୂଷଣ ଏକ ଜରି ବ୍ୟାଗରେ ୨କେଜି ୧ଶହ ଗ୍ରାମ ଗଞ୍ଜେଇ ଧରି ଯାଉଥିବା ବେଳେ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଗଞ୍ଜେଇ ଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରିଥିଲେ। ଅବକାରୀ ଇନ୍ସପେକ୍ଟର ପବିତ୍ର ମାଝି, ସବ୍‌ଇନ୍ସପେକ୍ଟର ଫକିର ଦେହୁରି, ବିଷ୍ଣୁଚରଣ ମଲ୍ଲିକ, ଏଏସ୍‌ଆଇ ବିନୋଦିନୀ ବେହେରା ଚଢ଼ାଉ କରିଥିଲେ।

## କୁଣ୍ଡୁହୁଁ ସମାଜର ଜିଲାସ୍ତରୀୟ ସାଙ୍ଗଠନିକ ସଭା

**ଜମନକିରା,୨୯।୯(ଡି.ଏନ.ଏ.):** ସମ୍ବଲପୁର ଜିଲା ବୁଢ଼ାରଜା ଭୀମ ଭୋଇ ପାଠାଗାର ସଭାଗୃହରେ ଗତ ରବିବାର ଆଦିବାସୀ କୁଣ୍ଡୁହୁଁ ସମାଜର ଜିଲାସ୍ତରୀୟ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଭୀମ ଭୋଇ ପାଠାଗାରର ସ୍ଥାୟୀ ସଭାପତି ଶୋଭାରାମ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ୯ ବ୍ଲକରୁ କର୍ମକର୍ତ୍ତା ଯୋଗଦେଇ ନିଜସ୍ୱ ମତ ରଖିଥିଲେ। ମୁଖ୍ୟତଃ ଜିଲାରେ ସଙ୍ଗଠନକୁ ସୁଦୃଢ଼ କରିବା, ଅଗ୍ରାଧିକାର ଭିତ୍ତିରେ ପିଲାଙ୍କୁ ଉଚ୍ଚଶିକ୍ଷା ପ୍ରଦାନ ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପରେ ଜିଲାସ୍ତରୀୟ କମିଟି ଗଠନ ହୋଇଥିଲା। ସଭାପତି ଭାବେ ଶୋଭାରାମ ପଧାନ, ଉପସଭାପତି ଲଖିନ୍ଦ୍ର ମିର୍ଦ୍ଧା, ଧ୍ରୁବଚରଣ ବାଘ, କୃଷ୍ଣଚନ୍ଦ୍ର ପଧାନ ଓ ମୁନମୁନ ମାଝି ରହିଥିବା ବେଳେ ସମ୍ପାଦକ ଭାବେ ସହଦେବ କିସାନ ଓ କୋଷାଧ୍ୟକ୍ଷ ଭାବେ ପ୍ରଫୁଲ୍ଲ ମିର୍ଦ୍ଧାଙ୍କୁ ମନୋନୀତ କରାଯାଇଛି। ଏହାସହିତ ୯ ବ୍ଲକ୍ ପାଇଁ ୯ଜଣ ସଙ୍ଗଠନ ସମ୍ପାଦକ ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୁଚିଣ୍ଡା ମହାଗୁଡ଼ି ସଭାପତି ଖଡୁନାଥ ପିଙ୍ଗ, ପୂର୍ବତନ କୁଚିଣ୍ଡା ବିଧାୟକ ରାଜେନ୍ଦ୍ର ଛତ୍ରିଆ, ପୂର୍ବତନ ଅତିରିକ୍ତ ସଚିବ ଜ୍ୟୋତ୍ସ୍ନନନ୍ଦନ ବାଘ, ଚନ୍ଦ୍ରମଣି ମାଝି, ତଫସିଲ ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସଭ୍ୟ ଅର୍ଜୁନ କିସାନ ନିର୍ବାଚିତ ପ୍ରତିନିଧିମାନଙ୍କୁ ସତ୍ୟପାଠ କରାଇଥିଲେ।

## ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକଙ୍କ ପ୍ରତିନିଧି

**ସମ୍ବଲପୁର,୨୯।୯(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା କୁସାମୁରା ବଡମାଲ ଗ୍ରାମର ଚାଷୀ ଦମ୍ପତି ଅନ୍ତର୍ଯାମୀ ମାଝି (୪୫) ଓ ପଦ୍ମିନୀ (୩୭)ଙ୍କ ସମେତ ଶ୍ରମିକ ବୁଧୁଆ ବାଗେ (୨୫)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ ବୁଧବାର ରେଢ଼ାଖୋଲ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀଙ୍କ ପ୍ରତିନିଧି ଭେଟି ସମବେଦନା ଜଣାଇବା ସହ ସମସ୍ତ ସରକାରୀ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିନିଧି ଦଳରେ ବିଜୁ ଯୁବ ଜନତା ଦଳର ଜୋନ ସଭାପତି ଦେବାଶିଷ ପରିଡା, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ ମନୋଜ ଖୁଣ୍ଟିଆ, ଅବନୀ କୁମୁରା, ଭରତ ଠେଲା, ଲିଙ୍ଗରାଜ ଦୀପ, ନୃସିଂହ ଚରଣ ଦେହୁରି, ସ୍ଥାନୀୟ ସରପଞ୍ଚ ଡେଭିଡ ବଡ୍ରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ପ୍ରତିନିଧି ଦଳ ଯୁଯୁମୁରା ତହସିଲଦାର ଅଭିଷେକ ସାହୁଙ୍କୁ ଭେଟିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଦେବାର ବ୍ୟବସ୍ଥା ରହିଛି। ଏହା କିଭଳି ଶୀଘ୍ର ମିଳିପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଗତ ୨୭ ତାରିଖରେ ବିଲରେ କାମ କରୁଥିବା ଉପରୋକ୍ତ ୩ଜଣ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ଏକ ମହୁଲ ଗଛ ତଳେ ଆଶ୍ରୟ ନେଇଥିଲେ। ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# ମା' ସମଲେଇଙ୍କ ଷୋଡ଼ଶ ପୂଜାରମ୍ଭ

**ସମ୍ବଲପୁର,୨୯।୯ (ବ୍ୟୁରୋ)**

ସମଲେଇ ମନ୍ଦିରରେ ରୀତିନୀତି ଓ ପରମ୍ପରା ସହ ଷୋଡଶ ପୂଜା ଆରମ୍ଭ ହୋଇଛି। ବୁଧବାର ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ତିଥିରେ ଦେବୀଙ୍କଠାରେ ପ୍ରାତଃ ଆଳତି ଓ ସ୍ୱତନ୍ତ୍ର ପୂଜା ହୋଇଥିଲା। ସନ୍ଧ୍ୟାରେ ଆଳତି ପରେ ପରମ୍ପରାନୁସାରେ ଗାଈ ଘିଅରେ ପ୍ରସ୍ତୁତ କାକରା ପିଠା ମା'ଙ୍କୁ ଭୋଗ ଅର୍ପଣ ହୋଇଥିଲା। ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ ଭକ୍ତମାନେ ଦେବୀଙ୍କୁ ଦର୍ଶନ କରିଥିଲେ। ପରେ କୋଭିଡ୍ ନିୟମାନୁସାରେ ମନ୍ଦିର ଦ୍ୱାର ବନ୍ଦ କରାଯାଇଥିଲା। ଅପରପକ୍ଷେ ପଶ୍ଚିମ ଓଡ଼ିଶାର ନିଆରା ପରମ୍ପରା ପୁଅଜିଉନ୍ତିଆ ବ୍ରତ ଧାରଣ କରିଥିବା ମାଆମାନେ ରାତ୍ରିରେ ମନ୍ଦିର ମୁଖ୍ୟ ଫାଟକରୁ ଦେବୀଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ସୂଚନାଯୋଗ୍ୟ ଷୋଡ଼ଶ ପୂଜାରେ ଷୋହଳଟି ଦୀପ ପ୍ରଜ୍ୱଳିତ ସହ ପୀଠେ ପାର୍ବଣ ଆରମ୍ଭ ହୋଇଛି। ମୂଳାଷ୍ଟମୀ ତିଥିରୁ ମହାଳୟା ପର୍ଯ୍ୟନ୍ତ ଦେବୀଙ୍କ ଷୋଡଶ ପୂଜାର୍ଚ୍ଚନା ହେବ। ସମଲେଇଙ୍କୁ ଦୁର୍ଗା, ନାରାୟଣୀ, ଇସାନୀ, ବିଷ୍ଣୁମାୟା, ଶିବା, ସତୀ, ନିତ୍ୟା, ସତ୍ୟା, ଭଗବତୀ, ସର୍ବାଣୀ, ସର୍ବମଙ୍ଗଳା, ଅମ୍ବିକା,



**ଅକ୍ଟୋବର ୬ରେ ଧବଳମୁଖୀ ବେଶ**

ବୈଷ୍ଣବୀ, ଗୌରୀ, ପାର୍ବତୀ ଓ ସନାତନୀ ଆଦି ଷୋହଳ ଜ୍ୟୋତି ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ଐତିହାସିକ ତଥ୍ୟ ଅନୁସାରେ ସମ୍ବଲପୁର ଚୌହାନ ରାଜା ବଳରାମ ଦେବଙ୍କ ରାଜତ୍ୱ କାଳରେ ଷୋଡଶ ପୂଜାରମ୍ଭ ହୋଇଥିଲା। ଦେବୀଙ୍କଠାରେ ଚଣ୍ଡ (ଭୋଗ) ଅର୍ପଣ ପରେ ନିଷ୍ଠାବାନ ବ୍ରାହ୍ମଣଙ୍କୁ ଭୋଗ ଦିଆଯାଉଥିଲା। ଭୋଗ ଗ୍ରହଣ କରି ରାଜା ସ୍ୱୟଂ ଉପବାସ ଭଙ୍ଗ କରୁଥିଲେ। ଐତିହାସିକ ପରମ୍ପରାକୁ ସମଲେଇ ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ବଜାୟ ରଖିଛନ୍ତି। ସେ ୧୬ଦିନ ପର୍ଯ୍ୟନ୍ତ ଉପବାସ ରହନ୍ତି। ରାତ୍ରିରେ ସମଲେଇଙ୍କଠାରେ ଭୋଗ ଅର୍ପଣ ହେବା ପରେ ସେ ପ୍ରସାଦ ଗ୍ରହଣ କରିଥାନ୍ତି। ବାଳ, ଦାଢ଼ି ମଧ କାଟନ୍ତି ନାହିଁ। ଏପରି କି ସେ ଚଟାଣରେ ବସିବା ଓ ଶୋଇବା କାର୍ଯ୍ୟ କରନ୍ତି। ମହାଳୟା ତିଥିରେ ସମଲେଇ ଗଙ୍ଗା ତଥା ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଏହାପରେ ମୁଖ୍ୟ ପୂଜକ ରାୟ ଉପବାସ ଭଙ୍ଗ କରିଥାନ୍ତି।

### ଟ୍ରଷ୍ଟ ବୋର୍ଡର ଶାରଦୀୟ ଦଶହରା କାର୍ଯ୍ୟସୂଚୀ

ଶାରଦୀୟ ଦଶହରା କାର୍ଯ୍ୟସୂଚୀ ଶ୍ରୀ ଶ୍ରୀ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସ୍ଥିର କରିଛି। ତଦନୁସାରେ ସେପ୍ଟେମ୍ବର ୨୯ରେ ମୂଳାଷ୍ଟମୀ, ପୀଠେ ଷୋଡ଼ଶ ଦିବସୀୟ ପୂଜାରମ୍ଭ, ଷୋଡ଼ଶ ଦୀପ ପ୍ରଜ୍ୱଳନ ଓ ପୁଅ ଜିଉଁନ୍ତିଆ ଉପବାସ, ଅକ୍ଟୋବର ୬ରେ ମହାଳୟା, ସମଲେଇଙ୍କ ଗଙ୍ଗା ତଥା ଧବଳମୁଖୀ ବେଶ ଦର୍ଶନ, ନବରାତ୍ର ପୂଜାରମ୍ଭ, ଅଖଣ୍ଡ ଦୀପ ପ୍ରଜ୍ୱଳନ, ୭ରେ ଦ୍ୱିତୀୟା ପୂଜା, ୮ରେ ତୃତୀୟା ପୂଜା, ୯ରେ ଚତୁର୍ଥୀ ଓ ୧୦ରେ ପୀଠେ ପଞ୍ଚମୀ ହୋମ, ୧୧ରେ ପୀଠେ ଷଷ୍ଠୀ ଓ ପୀଠେ ସପ୍ତମୀ ପୂଜା, ସମଲେଇଙ୍କ ତ୍ରିଦିନାତ୍ମକ ଦୀପ ପ୍ରଜ୍ୱଳନ, ୧୨ରେ ପୀଠେ ମହାଷ୍ଟମୀ, ଖଣ୍ଡଧୁଆ, ଭାଇ ଜିଉଁନ୍ତିଆ ପର୍ବ, ଆଖଡା ନଗର ପରିକ୍ରମା, ୧୩ରେ ପୀଠେ ମହାନବମୀ ପୂଜା, ଆଖଡା ନଗର ପରିକ୍ରମା, ୧୫ରେ ପୀଠେ ଦଶହରା ପର୍ବ, ସମଲେଶ୍ୱରୀଙ୍କ ଅଖଣ୍ଡ ଦୀପ ବିସର୍ଜନ ଓ ରଣଜିତା ଉତ୍ସବ, ଅକ୍ଟୋବର ୨୦ରେ କୁମାର ପୂର୍ଣ୍ଣିମା ଉତ୍ସବ ଓ ମାଁ ସମଲେଶ୍ୱରୀଙ୍କ ରାଜରାଜେଶ୍ୱରୀ ବେଶ ଏବଂ ନୂତନ ଧ୍ୱଜା ରୋହଣ କାର୍ଯ୍ୟକ୍ରମ ହେବ।

## ନିୟମିତ ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦେଲେ ଆୟୁଷ ଡାକ୍ତର

**ଝାରସୁଗୁଡ଼ା ଅଫିସ,୨୯।୯**

ଝାରସୁଗୁଡା ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନେ ଦୀର୍ଘବର୍ଷ ହେଲା ସେବା ଯୋଗାଇ ଆସୁଛନ୍ତି। ହେଲେ ସେମାନଙ୍କୁ ନିୟମିତ କରାଯାଉନାହିଁ। ନିୟମିତ ଦାବିରେ ଏଓଏଡିଏ ଆସୋସିଏଶନ୍ ତରଫରୁ ମଙ୍ଗଳବାର ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଦାବି ପୂରଣ ନ ହେଲେ ଆୟୁଷ ଡାକ୍ତରମାନେ କୋଭିଡ୍ ସମ୍ବନ୍ଧୀୟ,ଏଲୋପାଥିକ୍ ଓପିଡି/ଆଇପିଡି, ଜରୁରିକାଳୀନ କାର୍ଯ୍ୟ, ଲେବର ରୁମ୍, ମୋ ପୋର୍ଟାଲ, ଟେଲି କନ୍ସଲଟେଶନ୍, ଏମ୍‌ଡିଟି/ସିଡିଆର୍ ଆଦି କାର୍ଯ୍ୟ କରିବେ ନାହିଁ। ଦାବିପତ୍ର ପ୍ରଦାନ ବେଳେ ଏଓଏଡିଏ ଆସୋସିଏଶନ କର୍ମକର୍ତ୍ତା ଡା. ଦିବେନ୍ଦୁ ସାହୁ, ଡା.କୈଳାସ ଚନ୍ଦ୍ର ପ୍ରଧାନ, ଡା. ପ୍ରବିତାଞ୍ଜଳି ସାହୁ ଓ ଡା. ନମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି କାର୍ଯ୍ୟକ୍ରମ

**ସମ୍ବଲପୁର,୨୯।୯(ବ୍ୟୁରେ)**

ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଉପଜିଲାପାଳ ମୟୁର ସୂର୍ଯ୍ୟବଂଶୀ ବିକାଶ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଜିଲାର ୯ ବ୍ଲକର ୮ ଗୋଟି ସାଂସ୍କୃତିକ ଦଳ ଓ ଏସ୍‌ଏମ୍‌ସିର ୪ ଦଳ ଭାଗ ନେଇଥିଲେ। ପାଲା, ଆଦିବାସୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଦଳର କଳାକାର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୩ ଗୋଟି ଅନୁଷ୍ଠାନର ସମ୍ବଲପୁରୀ ନୃତ୍ୟଦଳ ପରିବେଷଣ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।

ଜିଲାରେ ଅନେକ ଜାତୀୟସ୍ତରର କଳାକାର ଓ ଅନୁଷ୍ଠାନ ରହିଛି। ହେଲେ ସଂସ୍କୃତି ବିଭାଗ ପକ୍ଷରୁ କାହାକୁ ସୂଚନା ଦିଆଯାଇ ନାହିଁ ବୋଲି ଅଭିଯୋଗ ହୋଇଛି। ହାତଗଣତି କେତେକ ବ୍ୟକ୍ତିଙ୍କୁ




ରାଧେଶ୍ୟାମ ପଣ୍ଡା ଓ ସାଥୀଙ୍କ ପାଲା ପରିବେଷଣ।

**ପ୍ରତିଯୋଗିତାରେ ଭାଗନେଲେ ୧୨ ଦଳ**

ନେଇ ପ୍ରତିଯୋଗିତା କରାଯାଇଛି। ପାଲା, ସଞ୍ଚାର, ଆଦିବାସୀ ନୃତ୍ୟରେ ୯ ଗୋଟି ଦଳ ଭାଗ ନେଇଥିଲେ। ହେଲେ ସେମାନଙ୍କୁ ଜାଣି ଶୁଣି ଉପେକ୍ଷା କରାଯାଇଛି। ପ୍ରତିଯୋଗିତା ଓ ତ୍ରୁଟିପୂର୍ଣ୍ଣ ଚୟନ କରି ସେମାନଙ୍କ ମନରେ ଆଘାତ ଦିଆଯାଇଛି। ଏକ ନିର୍ଦ୍ଦିଷ୍ଟ ଅନୁଷ୍ଠାନର ସଦସ୍ୟ ଜଜ୍ ଓ ଅନ୍ୟ କାମରେ ନିୟୋଜିତ ରହିଥିଲେ। କଳାକାରମାନଙ୍କୁ ଖାଦ୍ୟପାନୀୟ ଦେବାରେ ମଧ ଅବ୍ୟବସ୍ଥା କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ବିଭାଗ ଉପନିର୍ଦ୍ଦେଶକ ହେମନ୍ତ ପ୍ରଧାନ କହିଛନ୍ତି, କୋଭିଡ୍ କଟକଣାକୁ ଆଖିଆଗରେ ରଖି କମ୍ ଦଳକୁ ସାମିଲ କରାଯାଇଥିଲା। ପ୍ରତି ବ୍ଲକରେ ଗୋଟିଏ ଓ ଏସ୍‌ଏମ୍‌ସିର ୪ ଦଳ ସାମିଲ ଥିଲେ। ଲୋକକଳାର ପ୍ରଚାର ପ୍ରସାର ପାଇଁ ଏହିପ୍ରତିଯୋଗିତା କରାଯାଉଛି।

## କୁକୁରା ମୃତ୍ୟୁ ଘଟଣା: ସତ ଲୁଚାଉଛି ବନ ବିଭାଗ

**ଜମନକିରା,୨୯।୯(ଡି.ଏନ.ଏ.)**

ଜମନକିରା ବ୍ଲକ୍ ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବଡ଼ରମା ରେଞ୍ଜ ଭୁଟେଲ ସେକ୍ସନରେ ଗତ ୨୬ ତାରିଖରେ ଏକ କୁକୁରାର ମୃତ୍ୟୁ ହୋଇଥିଲା। ନିର୍ଜଳୀୟ ଯୋଗୁ ଏହାର ମୃତ୍ୟୁ ହୋଇଥିବା ଦର୍ଶାଇ ବନ ବିଭାଗ ତରବରିଆ ଭାବେ ପୋତି ଦେଇଥିଲା। ମାତ୍ର ପ୍ରକୃତରେ ଶିକାରୀର ବନ୍ଧୁକ ଗୁଳିରେ କୁକୁରାର ମୃତ୍ୟୁ ହୋଇଥିବା ମଙ୍ଗଳବାର ସ୍ପଷ୍ଟ ହୋଇଛି। ଶିକାରୀ ନିଜେ ଏହା ସ୍ୱୀକାର କରିବା ପରେ ବନ ବିଭାଗ ସତ ଲୁଚାଉଥିବା ଏଠାରେ ଆଲୋଚନା ହେଉଛି। ଏ ନେଇ ବଡ଼ରମା ରେଞ୍ଜ ପକ୍ଷରୁ କେସ୍ ନଂ.୭୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଟନସରା ଗାଁର ପିଟର ସୋରେଙ୍ଗ (୬୩)ଙ୍କୁ କୁଚିଣ୍ଡା କୋର୍ଟ ଚାଲାଣ କରାଯାଇଛି। ବନ ବିଭାଗର ସୂଚନା ଅନୁଯାୟୀ ଗତ ୨୬ ତାରିଖରେ ବଡ଼ରମା ରେଞ୍ଜ ଭୁଟେଲ ସେକ୍ସନ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ପଥୁରିଆ ଜଙ୍ଗଲ ମଧ୍ୟରେ ଏକ କୁକୁରା ମରି ପଡ଼ିଥିବା ଜଣାପଡ଼ିଥିଲା। ବନ କର୍ମଚାରୀ ଏହାକୁ ବଡ଼ରମା ରେଞ୍ଜକୁ ଆଣିବା ପରେ ଜମନକିରା ପ୍ରାଣୀଧନ ଚିକିତ୍ସକ ଡା.ଶିଶିର କୁମାର ଲେଙ୍କା ଶବ ବ୍ୟବଚ୍ଛେଦ କରିଥିଲେ। ପ୍ରାଥମିକ ତଦନ୍ତ ପରେ ନିର୍ଜଳୀୟନ ଯୋଗୁ କୁକୁରା ମୃତ୍ୟୁ ହୋଇଥିବା ପ୍ରାଣୀଧନ ଚିକିତ୍ସକଙ୍କ ପକ୍ଷରୁ କୁହାଯାଇଛି। ଏଥିସହ କୁକୁରାର ଅଙ୍ଗ ପ୍ରତ୍ୟଙ୍ଗକୁ ଭୁବନେଶ୍ୱର ପରୀକ୍ଷାଗାରକୁ ପଠାଯାଇଛି, ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ଜମନକିରା ଓ ବଡ଼ରମା ରେଞ୍ଜ ଦାୟିତ୍ୱରେ ଥିବା ଲକ୍ଷ୍ମୀନାରାୟଣ ନାଏକଙ୍କୁ ପଚାରିବାରୁ ସେ କହିଥିଲେ, ଭୁଟେଲ ସେକ୍ସନରେ ପାଟ୍ରୋଲିଂ ଚାଲିଥିବା ବେଳେ ବନ୍ଧୁକ ଫୁଟିବା ଶବ୍ଦ ଶୁଭିଥିଲା। ପରେ ପାଟ୍ରୋଲିଂରେ ଥିବା ବନ ଅଧିକାରୀ ପହଞ୍ଚି କୁକୁରାର ମୃତଦେହ ପଡିଥିବା ଦେଖି ବ୍ୟବଚ୍ଛେଦ ପରେ ପୋତି ଦେଇଥିଲେ।

## ଭିସୁଟ୍ ଛାତ୍ରଙ୍କୁ ର୍ୟାଗିଂ ଘଟଣା: ୧୨ ଛାତ୍ର ବହିଷ୍କୃତ

**ସମ୍ବଲପୁର,୨୯।୯(ବ୍ୟୁରୋ)**

ସମ୍ବଲପୁରର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଜଣେ ତୃତୀୟ ବର୍ଷ ଛାତ୍ରଙ୍କୁ ର୍ୟାଗିଂ ଘଟଣାରେ ୧୨ଜଣ ଛାତ୍ରଙ୍କୁ ବୁଧବାର ବହିଷ୍କୃତ କରାଯାଇଛି। ଏଥିମଧ୍ୟରୁ ୨ଜଣଙ୍କୁ ୨ ବର୍ଷ ଓ ଅନ୍ୟ ୧୦ଜଣଙ୍କୁ ବର୍ଷେ ପାଇଁ ବହିଷ୍କୃତ କରାଯାଇଛି। ଭିସୁଟ୍ ଶୃଙ୍ଖଳା କମିଟି ଓ ଡିନ୍‌ଙ୍କ ବୈଠକ ପରେ କୁଳପତିଙ୍କ ଅନୁମୋଦନକ୍ରମେ ଛାତ୍ରଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବହିଷ୍କୃତ ସମୟ ପରେ ଛାତ୍ରମାନେ ଯୋଗଦାନ କରିବା ପୂର୍ବରୁ ଅଭିଭାବକ ଓ ନିଜର ଅଣ୍ଡରଟେକିଂ ଦାଖଲ କରିବେ। ସେମାନେ କଲେଜ କିମ୍ବା ହଷ୍ଟେଲ କ୍ୟାମ୍ପସରେ ପୁନର୍ବାର ବିଶୃଙ୍ଖଳା ସୃଷ୍ଟିକଲେ ସବୁଦିନ ପାଇଁ କଲେଜରୁ ବାହାର କରିଦିଆଯିବ ବୋଲି କର୍ତ୍ତୃପକ୍ଷ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ର୍ୟାଗିଂ ନେଇ ତୃତୀୟ ବର୍ଷର ଛାତ୍ର ଡିନ୍‌ଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ଗତ ୨୨ ତାରିଖ ରାତିରେ ଚତୁର୍ଥ ବର୍ଷର ୧୦ରୁ ଅଧିକ ଛାତ୍ର ହଷ୍ଟେଲକୁ ଆସିଥିଲେ। ସେମାନେ ଫୋନ ମାଗିଥିଲେ। ନ ଦେବାରୁ ର୍ୟାଗିଂ କରିବା ଆରମ୍ଭ କରିଥିଲେ।

## ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଅଧିନିୟମ ରହିଛି



ତପସ୍ୱିନୀ ପ୍ରେକ୍ଷାଳୟରେ କର୍ମଶାଳା ଶୁଭାରମ୍ଭ କରାଯାଉଛି।

**ସମ୍ବଲପୁର,୨୯।୯(ବ୍ୟୁରୋ)**

ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ବୁଧବାର ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ପକ୍ଷରୁ ଭିନ୍ନକ୍ଷମ ଅଧିନିୟମ ୨୦୧୬ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ସୁଲୋଚନା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ, ଦିବ୍ୟାଙ୍ଗଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ ନିୟମ ରହିଛି। ୨୦୧୬ରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଅଧିନିୟମ ଲାଗୁ କରାଯାଇଛି। ଚିହ୍ନଟ ପ୍ରକ୍ରିୟାଠାରୁ ଆରମ୍ଭ କରି ସୁବିଧା ସୁଯୋଗ ପାଇବା ପର୍ଯ୍ୟନ୍ତ ପ୍ରତ୍ୟେକ ସରକାରୀ ଅଧିକାରୀ, କର୍ମଚାରୀ ତଥା ସାମାଜିକ ସଙ୍ଗଠନ ସହଯୋଗ କରିବା ଆବ୍ୟଶକ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ରେଢ଼ାଖୋଲ ଉପଜିଲାପାଳ ପବିତ୍ର ବେହେରା, ଦାୟିତ୍ୱରେ ଥିବା ପିଡି ଡିଆଡିଏ ତନ୍ମୟ ଦରୱାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଶଶିଭୂଷଣ ପଟେଲ, ଏସ୍‌ଏମ୍‌ସି କମିଶନର ଅନିରୁଦ୍ଧ ପ୍ରଧାନ, ଅତିରିକ୍ତ ଜିଲାପାଳ ପଦ୍ମନାଭ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କର୍ମଶାଳାରେ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ, ଶ୍ରବଣ ଯନ୍ତ୍ର, ମଧୁବାବୁ ଭତ୍ତା ପ୍ରଦାନ କରାଯାଇଥିଲା। ଆଞ୍ଚଳିକ ଭିନ୍ନକ୍ଷମ ଅଧିକାରୀ ରବୀନ୍ଦ୍ର ନାଥ ଶତପଥି ପରିଚାଳନା କରିଥିଲେ।

# ହକ୍ ନ ମିଳିଲେ ଆନ୍ଦୋଳନ ଚେତାବନୀ

**ଝାରସୁଗୁଡା ଅଫିସ୍,୨୯।୯**

ଝାରସୁଗୁଡା ଜିଲାର ଆଦିବାସୀମାନେ ଅନେକ ସମୟରେ ନିର୍ଯାତନାର ଶିକାର ହେଉଛନ୍ତି। ଅଭିଯୋଗ ପରେ ମଧ ନ୍ୟାୟ ମିଳୁନାହିଁ। ଜିଲାର ବିଭିନ୍ନ ଥାନାରେ ୪୪ ଆଟ୍ରୋସିଟ୍ ମାମଲା ପଡିରହିଛି। ବହୁ ଆଦିବାସୀଙ୍କ ଜମିକୁ ସାଧାରଣ ବର୍ଗର ଲୋକେ ହାତେଇ ନେଉଛନ୍ତି। ଏନେଇ ରାଜସ୍ୱ ବିଭାଗ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଥିବାରୁ ଆଦିବାସୀମାନେ ଚିକିତ୍ସା ଅବହେଳାରୁ ମୃତ୍ୟୁମୁଖରେ ପଡୁଛନ୍ତି। ବିଭିନ୍ନ କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ନ ହେବାରୁ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ଏସବୁକୁ ନେଇ ସମ୍ମିଳିତ ଆଦିବାସୀ ସମାଜ ଉଦ୍‌ବେଗ ପ୍ରକାଶ କରିଛି। ସ୍ଥାନୀୟ କାପୁମାଲଠାରେ ରବିବାର ଅନୁଷ୍ଠିତ ବୈଠକରେ ଆଦିବାସୀ ନେତୃବର୍ଗ ନ୍ୟାଯ୍ୟ ଦାବି ହାସଲ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ସମାଜ ସଭାପତି ବୁନ୍ଦେ ଧୁରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସରକାରଙ୍କ ନିୟମ ଅନୁଯାୟୀ ଜିଲାର ଲଇକେରା, କିର୍ମିରା ଓ ସମ୍ବଲପୁର ଜିଲାର ଯୁଯୁମୁରା ବ୍ଲକକୁ ଆଇଟିଡିଏ ଘୋଷଣା କରିବାରେ ବିଳମ୍ବ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଏହା ସହିତ ଅନ୍ୟାନ ବ୍ଲକର ୨୫ପଞ୍ଚାୟତ ଓ ରାଜ୍ୟର ସମସ୍ତ ଏମ୍‌ଏଡିଏ ପଞ୍ଚାୟତକୁ ଆଇଟିଡିଏ ଅନ୍ତର୍ଭୁକ୍ତ କରି ପିଇଏସ୍‌ଏ ଆଇନ ଲାଗୁ ନ କଲେ ସମ୍ମିଳିତ ଆଦାବାସୀ ସମାଜ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି । ପରେ ସମାଜର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ନିର୍ବାଚନ କମିଶନ ଭାବେ ପୂର୍ବତନ ବିଧାୟକ ତଥା କିଷାନ ସମାଜ ରାଜ୍ୟ ଉପସଭାପତି ବୃନ୍ଦାବନ ମାଝି, ଅଖିଳ ଭାରତୀୟ ଗୋଣ୍ଡୱନ ଗୋଣ୍ଡ ମହାସଭା ଓଡ଼ିଶା ପ୍ରଦେଶ ସଭାପତି ମହେନ୍ଦ୍ର ନାୟକ, ବଳରାମ ମଲ୍ଲିକ, ମହାସଚିବେ ପ୍ରଭାକର ଓରାମ, ଫକିର ନାୟକ, ତ୍ରିଲୋଚନ ଡନସନା, ସଞ୍ଜୁକ୍ତା ଓରାମ, ରୋହିତ କୁମାର ଧୁରୁଆ ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ପରିଚାଳନା କରିଥିଲେ।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଅଭିଯୋଗକାରୀ

**ସମ୍ବଲପୁର,୨୯।୯(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ବୁଧବାର ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଅଭିଯୋଗ କ୍ରମେ ସରକାର ନିମନ୍ତ୍ରଣ ଯୋଜନାରେ ରାନିବଖରୀକୁ ସାମିଲ କରିଛନ୍ତି। ଏଠାରେ ଏବେ ରେଷ୍ଟୁରାଣ୍ଟ ନିର୍ମାଣାଧୀନ ରହିଛି। ଏହାକୁ ସହରର ଶତାଧିକ ଅନୁଷ୍ଠାନ ବିରୋଧ କରୁଛନ୍ତି। ଗତ ୨୭ ତାରିଖରେ ରାନିବଖରୀ ସମ୍ମୁଖରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସୟମରେ ୨ ଜଣ ବରିଷ୍ଠ ନାଗରିକ ରାନିବଖରୀ ଭିତରକୁ ଯାଇଥିଲେ। ସେଠାରେ କାର୍ଯ୍ୟରତ ଠିକା କମ୍ପାନୀର କର୍ମଚାରୀ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହ ତାଲା ମାରି ବନ୍ଧକ ରଖିଥିଲେ। ପୋଲିସ ପହଞ୍ଚିବା ପରେ ୨ ବରିଷ୍ଠ ନାଗରିକ ଉଦ୍ଧାର ହୋଇଥିଲେ। ଏହାକୁ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ହେଲେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଏସ୍‌ପି ଗଙ୍ଗାଧର ଏ ଦିଗରେ ଉଚିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଜ୍ଞା ପଟ୍ଟନାୟକ, କାର୍ତ୍ତିକ ପ୍ରସାଦ ବହିଦାର, ଅଶୋକ ପ୍ରଧାନ, ପ୍ରଣତି ପଟ୍ଟନାୟକ, ଦୀପକ ପଣ୍ଡା, ପ୍ରଶାନ୍ତ ପାଟ୍ଟଯୋଶୀ, ଶିବ ମେହେର, ସନ୍ତୋଷ ସାମଲ, ସରୋଜ ଦାଶ, ବନ୍ଦିତା ପୂଜାରୀ, ପ୍ରଫୁଲ୍ଲ ହୋତା, ପ୍ରଣତି ପତି, ଭବାନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ପି ଅଫିସ ସମ୍ମୁଖରେ ବିଭିନ୍ନ ଅନୁଷ୍ଠାନର ସଦସ୍ୟ।

# ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

**ଝାରସୁଗୁଡ଼ା ଅଫିସ,୨୯।୯**

ଚଳିତବର୍ଷ ଅନିୟମିତ ବର୍ଷା ଯୋଗୁ ଝାରସୁଗୁଡ଼ା ଜିଲାରେ ଧାନଫସଲ କ୍ଷତିଗ୍ରସ୍ତ ହୋଇଛି। ଏଥିରୁ ଲଖନପୁର ବ୍ଲକ୍ ବାଦ୍ ପଡିନାହିଁ। ବ୍ଲକ୍‌କୁ ମରୁଡି ଘୋଷଣା ଦାବିରେ ବ୍ଲକ୍ କୃଷକ ସଙ୍ଗଠନ ତରଫରୁ ବୁଧବାର ତହସିଲଦାର ବିଶ୍ୱକେଶନ ପାଣ୍ଡେଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ବ୍ଲକ୍‌ର ଶତାଧିକ ଚାଷୀ ବ୍ୟାନର, ପୋଷ୍ଟର ଧରି ବେହେରାଗୁଡା ପୂର୍ତ୍ତ ଡାକବଙ୍ଗଳାରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଜିଲା କୃଷକ ସଙ୍ଗଠନ ଆବାହକ ବିରଞ୍ଚି ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

ସଭାରେ ୯ଦଫା ଦାବି ମଧ୍ୟରେ ଲଖନପୁର ବ୍ଲକ୍‌କୁ ମରୁଡି ଘୋଷଣା, ମରୁଡିର ସ୍ଥାୟୀ ପ୍ରତିକାର ପାଇଁ ଜଳସେଚନ ବ୍ୟବସ୍ଥା, ବ୍ଲକ୍‌ର ୩ଜୋନ୍‌ରେ



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଲଖନପୁର ବ୍ଲକ୍‌କୁ ମରୁଡ଼ି ଘୋଷଣା ଦାବି**

୩ଟି ଶୀତଳ ଭଣ୍ଡାର ପ୍ରତିଷ୍ଠା, ଠିକ୍ ସମୟରେ ଚାଷୀଙ୍କୁ ବିହନ, ସାର ଓ କୀଟନାଶକ ରିହାତି ଦରରେ ଯୋଗାଣ, ଅଭାବ ଥିବା ୟୁରିଆ ଓ ପଟାସ୍ ସାର ଅତିଶୀଘ୍ର ସମବାୟ ସମିତିକୁ ଯୋଗାଇବା, ସମସ୍ତ ଚାଷୀଙ୍କୁ କାଳିଆ ଯୋଜନାରେ ସାମିଲ, ଅଚଳ ଉଠାଜଳସେଚନ ପ୍ରକଳ୍ପକୁ ଯୁଦ୍ଧକାଳୀନ ମଧ୍ୟରେ ମରାମତି, କ୍ରପ୍ କଟିଂ ପରେ ସମୟସୀମା ମଧ୍ୟରେ ବୀମାରାଶି ପୈଠ ଆଦି ଉପରେ ଚାଷୀ ନେତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହିସବୁ ଦାବି ସରକାର ପୂରଣ ନ କଲେ ବ୍ଲକ୍ ସଙ୍ଗଠନ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଆନ୍ଦୋଳନରେ ବିରଞ୍ଚି ସାହୁ, ଗୋପୀନାଥ ମାଝି, ବେଣୁଧର ଭୋଇ, ଲିଙ୍ଗରାଜ ବଡ଼େଇ, ସୁରେଶ ତ୍ରିପାଠୀ, ଚନ୍ଦ୍ର ପ୍ରଧାନ, ଝୁମେରଲାଲ୍ ହାତୀ, ଜଗବନ୍ଧୁ ସା, ଅଯୋଧ୍ୟ ଚଇନି, ଡୋଳାମଣୀ ମେହେର, ହିମାଂଶୁ ପ୍ରଧାନ, ବୀରେନ ସାହୁ ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୩୦ ସେପ୍ଟେମ୍ବର, ୨୦୨୧



## ବଜ୍ରପାତରେ ଜଣେ ମୃତ

ବଲାଙ୍ଗୀର ଅଫିସ: ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ଟିହିକୁପାଲି ଗ୍ରାମରେ ବଜ୍ରପାତରେ ବୁଧବାର ଅପରାହ୍ଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଜ୍ଞାନୀ ଭୁଏ (୫୫)। କ୍ଷେତକୁ କାମ କରିବାକୁ ଗଲାବେଳେ ସେ ବଜ୍ରପାତର ଶିକାର ହୋଇଥିଲେ। ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ‘ରାଜ୍ୟକୁ କେନ୍ଦ୍ର ଅନୁଦାନ ସମୁଦ୍ରକୁ ଶଙ୍ଖେ’

**ଜାତୀୟ ରାଜପଥ ବନ୍ୟାକ୍ଷତି ମରାମତି ପ୍ରସଙ୍ଗ**

■ ଚିଠି ଦେବାର ୨୦ମାସ ପରେ ନରସିଂହଙ୍କୁ ମିଳିଲା ଉତ୍ତର

ବଲାଙ୍ଗୀର ଅଫିସ, ୨୯।୯

କେନ୍ଦ୍ର ସରକାର ଓଡ଼ିଶାକୁ କିପରି ବୈମାତୃକ ମନୋଭାବ ଏବଂ ଅବହେଳା ପ୍ରଦର୍ଶନ ଜାରି ରଖିଛନ୍ତି ତା’ର ଏକ ସଦ୍ୟତମ ନଜିର ଦେଖିବାକୁ ମିଳିଛି। ୨୦୧୯ ମସିହା ବନ୍ୟାରେ କ୍ଷତିଗ୍ରସ୍ତ ଜାତୀୟ ରାଜପଥର ମରାମତି ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ବିଭାଗକୁ ଅନୁଦାନ ପାଇଁ ଚିଠି ଦେବାର ପ୍ରାୟ ୨୦ମାସ ପରେ ଏବେ ରାଜପଥ ବିଭାଗ ପକ୍ଷରୁ ଉତ୍ତର ଦିଆଯାଇଛି। ଏହାକୁ ନେଇ ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

୨୦୧୯ ଅଗଷ୍ଟ ୧୨ ତାରିଖରେ ବଲାଙ୍ଗୀରରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବନ୍ୟାପାଣିରେ ବଲାଙ୍ଗୀରର ଅନେକ ଜାତୀୟ ରାଜପଥ କ୍ଷତିଗ୍ରସ୍ତ ହୋଇଥିଲା। କ୍ଷତିଗ୍ରସ୍ତ ରାଜପଥର ମରାମତି ପାଇଁ ବିଧାୟକ ମିଶ୍ର କେନ୍ଦ୍ର ସଡକ ପରିବହନ ଓ ରାଜପଥ ବିଭାଗ ମନ୍ତ୍ରୀ ନିତିନ ଗଡକରୀଙ୍କୁ ୨୦୧୯ ଡିସେମ୍ବର ୭ ଏବଂ ୨୦୨୦ ଜାନୁୟାରୀ ୭ରେ ଦୁଇଟି ଚିଠି ଲେଖି ଆବଶ୍ୟକ ଅନୁଦାନ ଦେବାକୁ ଦାବି ଜଣାଇଥିଲେ। ତେବେ ଏହି ଚିଠି ଲେଖିବାର ପ୍ରାୟ ୨୦ ମାସ ପରେ ବିଭାଗୀୟ ମନ୍ତ୍ରୀଙ୍କଠାରୁ ବିଧାୟକ ମିଶ୍ରଙ୍କ ପାଖକୁ ଚିଠି ପଠାଯାଇଛି। ଉକ୍ତ ଚିଠିରେ ବିଭାଗୀୟ ମନ୍ତ୍ରୀ ଗଡକରୀ ଜଣାଇଛନ୍ତି ଯେ, ୨୦୧୯-୨୦ ବର୍ଷରେ ବନ୍ୟା କ୍ଷତିଗ୍ରସ୍ତ ରାଜପଥ ମରାମତି (ଏଫ୍‌ଡିଆର) ବାବଦକୁ ବିଭାଗ ପକ୍ଷରୁ ଓଡିଶାକୁ ୬.୫ କୋଟି ଟଙ୍କା ଦିଆଯାଇଥିଲା। ଉକ୍ତ ଟଙ୍କା ସେହିବର୍ଷ ଖର୍ଚ୍ଚ ହୋଇଥିବା ସେ ସୂଚନା ଦେଇଛନ୍ତି। ତେବେ ସାଧାରଣ ମରାମତି ବାବଦରେ ଓଡିଶାକୁ ସେହି ଅବଧି କାଳରେ ପ୍ରଥମରୁ ୩୦.୪୦ କୋଟି ଏବଂ ପରେ ଏହାକୁ ୩୩.୪୦ କୋଟି ବୃଦ୍ଧି କରାଯାଇ ପ୍ରଦାନ କରାଯାଇଛି। ସେହି ସମୁଦାୟ ଟଙ୍କା ସେହି ବର୍ଷ ଖର୍ଚ୍ଚ ହୋଇଛି ବୋଲି ସୂଚନା ଦେଇଛନ୍ତି। ୨୦୨୦-୨୧ ବର୍ଷ ପାଇଁ ଜାତୀୟ ରାଜପଥ ମରାମତି ପାଇଁ ସାଧାରଣ ମରାମତି (ଓଆର) ବର୍ଗରେ ଓଡିଶାକୁ ୧୩.୫୦ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବା ସେ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କଠାରୁ ଏଭଳି ଚିଠି ପାଇବା ପରେ ବିଧାୟକ ମିଶ୍ର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କେନ୍ଦ୍ର ସରକାର ଓଡିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ଏହି ଚିଠି ତା’ର ଏକ ଜ୍ୱଳନ୍ତ ପ୍ରମାଣ ବୋଲି କହିଛନ୍ତି। କେନ୍ଦ୍ର ସଡକ ପରିବହନ ମନ୍ତ୍ରଣାଳୟକୁ ଦକ୍ଷ ମନ୍ତ୍ରଣାଳୟ ବୋଲି ପ୍ରଚାର କରାଯାଉଥିବାବେଳେ ଚିଠିର ଉତ୍ତର ଦେବାକୁ ୨୦ ମାସ ସମୟ ଲାଗୁଛି। ଏଥିରୁ ଦକ୍ଷତା ପ୍ରମାଣିତ ହେଉଛି ବୋଲି ସେ କହିଛନ୍ତି। ଓଡିଶା ଏକ ବନ୍ୟା ଓ ବାତ୍ୟା ପ୍ରବଣ ରାଜ୍ୟ। ପ୍ରତ୍ୟେକ ବର୍ଷ ବନ୍ୟା, ବାତ୍ୟା ଯୋଗୁଁ ଶହ ଶହ କିଲୋମିଟର ଜାତୀୟ ରାଜପଥ କ୍ଷତିଗ୍ରସ୍ତ ହୋଇଥାଏ । ଏହି ରାସ୍ତାଗୁଡିକୁ ଶୀଘ୍ର ମରାମତି କରିବା ପାଇଁ ଅଧିକ ଅନୁଦାନ ଯୋଗାଇବା ପରିବର୍ତ୍ତେ ୨୦୧୯-୨୦ ଘୋର ବନ୍ୟା କ୍ଷତିଗ୍ରସ୍ତ ବର୍ଷରେ ସାରା ରାଜ୍ୟ ପାଇଁ ଏଫ୍‌ଡିଆର ଅନୁଦାନରୁ ମାତ୍ର ୬.୫୦ କୋଟି ଟଙ୍କା ପ୍ରଦାନ କରିବା ଏକ ହସ୍ୟାସ୍ପଦ କଥା ବୋଲି କହିଛନ୍ତି। ସେହିପରି ସାଧାରଣ ମରାମତି ପାଇଁ ୩୩.୪୦ କୋଟି ଟଙ୍କାରେ ଓଡିଶାର ରାଜପଥର କ’ଣ ମରାମତି ବା ରକ୍ଷାବେକ୍ଷଣ ହୋଇଥିବ ତାହା ସ୍ପଷ୍ଟ ଅନୁମାନ କରାଯାଇପାରୁଛି ବୋଲି ସେ କହିଥିଲେ। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ବିକାଶର ନାରାବାଜିରେ ସୀମିତ ନ ରହି ଜାତୀୟ ରାଜପଥ ରକ୍ଷଣାବେକ୍ଷଣ ତଥା ମରାମତି ପାଇଁ ପର୍ଯ୍ୟାପ୍ତ ଅନୁଦାନ ପ୍ରଦାନ କରୁ ବୋଲି ବିଧାୟକ ମିଶ୍ର ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି।

**ସଂକ୍ଷେପରେ**

## ଭୁବନେଶ୍ୱର କ୍ଲବ ସଭାପତିଙ୍କୁ ଭେଟିଲା କଳାକାର ମହାସଂଘ



ବରଗଡ଼ ଅଫିସ୍,୨୯।୯: ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଏବଂ ରାଜ୍ୟ କଳାକାର ସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକ ବୁଧବାର ଭୁବନେଶ୍ୱର କ୍ଲବର ନବନିର୍ବାଚିତ ସଭାପତି ଅସୀତ ତ୍ରିପାଠୀଙ୍କୁ ଭେଟିଥିଲେ। ତ୍ରିପାଠୀ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ରହିଥିବା ଯୋଗୁ ପଶ୍ଚିମ ଓଡ଼ିଶାର ବିକାଶମୂଳକ କାର୍ଯ୍ୟ ଉପରେ ପାଇକ ତାଙ୍କ ସହିତ ଆଲୋଚନା କରିଥିଲେ। ଏହା ସହିତ ଆଗାମୀ ଦିନରେ ବରଗଡ଼ରେ ହେବାକୁ ଥିବା ପଶ୍ଚିମ ଓଡ଼ିଶା କଳାକାର ଭେଟ୍ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ କଳାକାର ସଂଘର ସଭାପତି ପାଇକ୍ ଭୁବନେଶ୍ୱର କ୍ଲବ ସଭାପତି ତ୍ରିପାଠୀଙ୍କୁ ଅନୁରୋଧ କରିଥିଲେ।

## ବରିଷ୍ଠ ଫୁଟବଲ ଖେଳାଳିଙ୍କ ପରଲୋକ



ଦେଓଗାଁ,୨୯।୯(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାର ପୂର୍ବତନ ଫୁଟବଲ ଖେଳାଳୀ ତଥା ଶିକ୍ଷାବିତ ସୁନ୍ଦରମଣି ଦଣ୍ଡସେନା(୬୮)ଙ୍କ ବୁଧବାର ପରଲୋକ ହୋଇଯାଇଛି । ସେ ଜିଲାସ୍ତରୀୟ ଫୁଟବଲ ଖେଳାଳି, ଫୁଟବଲ ପ୍ରଶିକ୍ଷକ, କ୍ରୀଡା ସଂଗଠକଭାବେ ପରିଚିତ ଥିଲେ । ସେ ଶିକ୍ଷା ବିଭାଗରେ ସିଆରସିସିଭାବେ କାର୍ଯ୍ୟ ତୁଲାଇଥିଲେ। ଅବସର ପରେ କ୍ରୀଡାର ଉନ୍ନତି ତଥା ଗାଁର ସମାଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରୁଥିଲେ। ନିକଟସ୍ଥ ସୋନଗଡ ନଦୀରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ମନୋଜ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଧାୟକ ନରସିଂହ ମିଶ୍ର, ଜିଲା କଂଗ୍ରେସ ସମ୍ପାଦକ ବିଶ୍ୱଜିତ ପାତ୍ର, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ବ୍ଲକ ଅଧକ୍ଷା ରୀନା ମେହେର, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ଏମପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା, ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ଫୁଟବଲ ଟୁର୍ନାମେଣ୍ଟ: ମହିମୁଣ୍ଡା ଚାମ୍ପିୟନ



ଚାମ୍ପିୟନ ମହିମୁଣ୍ଡା ଦଳକୁ ପୁରସ୍କୃତ କରାଯାଉଛି ।

ଦେଓଗାଁ,୨୯।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ମୁରସିଂରେ ପ୍ରିନ୍ସ କ୍ଲବ ଆୟୋଜନରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହିମୁଣ୍ଡା ଓ କୁଦେଇପାଲି ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକର ଜରିଆରେ ମହିମୁଣ୍ଡା ଦଳ ୪-୧ଗୋଲରେ ବିଜୟୀ ହୋଇଥିଲା ।ଖେଳକୁ ରିତୁ ବୁଡେକ,ବଳଦେବ ଭୋଇ ଓ ସର୍ଜନ କୁଦେଇ ପରିଚାଳନା କରିଥିଲେ। ମନୋଜ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବ ପ୍ରାରମ୍ଭରେ ସ୍ୱର୍ଗତ ବରିଷ୍ଠ ଫୁଟବଲ ଖେଳାଳି ସୁନ୍ଦରମଣି ଦଣ୍ଡସେନାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଅର୍କେଶ ନାରାୟଣ ସିଂଦେଓ, ସମ୍ମାନୀତ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ଏମପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା, ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ରାଜେନ୍ଦ୍ର ହୋତା,ବିଜୁ ଯୁବଜନତା ଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ବୁଲୁ ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ ।

# ତହସିଲ ଅଫିସ ଘେରିଲେ ଜମାକାରୀ




ଜମାକରୀମାନେ ଦେଓଗାଁ ତହସିଲ ଅଫିସ ଘେରାଉ କରିଛନ୍ତି।

ଦେଓଗାଁ,୨୯।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଆର୍ଥୀକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତମଞ୍ଚ ପକ୍ଷରୁ ବୁଧବାର ସ୍ଥାନୀୟ ତହସିଲ ଘେରାଉ କରାଯିଥିଲା। ବ୍ଲକ ସଭାପତି ସୁରଥ ଧରୁଆଙ୍କ ନେତୃତ୍ୱରେ ଅନୁଷ୍ଠିତ ଘେରାଉ କାର୍ଯ୍ୟକ୍ରମରେ ବ୍ଲକର ଶତାଧିକ ଜମାକାରୀ ଏକ ଶୋଭାଯାତ୍ରାରେ ତହସିଲ କାର୍ଯ୍ୟାଳୟ ମୁଖ୍ୟଗେଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମିଳିତମଞ୍ଚ ରାଜ୍ୟ ସଭାପତି ଜୟନ୍ତ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ମଧୁସୂଦନ ବିଶ୍ୱାଳ, ଜିଲା ସଭାପତି ବିଭୂଦତ୍ତ ମିଶ୍ର, ଉପସଭାପତି ଲଳିତ ଦୀପ, ମିଳିତ ମଞ୍ଚ କେନ୍ଦ୍ରୀୟ ନେତ୍ରୀ ଅନୁରାଧା ସୁବୁଦ୍ଧି, ଡା.ଶଶୀଭୂଷଣ ସାହୁ ଯୋଗଦେଇ ରାଜ୍ୟ ସରକାର ଜମାକାରୀଙ୍କୁ ଟଙ୍କା ଫେରାଇବାରେ କରୁଥିବା ବୈମାତୃକ ମନୋଭାବର ନିନ୍ଦା କରିଥିଲେ। ଅଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଜମାକାରୀଙ୍କୁ ଟଙ୍କା ଫେରାଇବା ପ୍ରକ୍ରିୟାକୁ ତ୍ୱରାନ୍ୱିତ ନକଲେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ । ପରେ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ, ଜମାକାରୀଙ୍କୁ ଟଙ୍କା ଫେରସ୍ତ, ଠକସଂସ୍ଥାଙ୍କ ବିଚାର ତ୍ୱରାନ୍ୱିତ କରି ସେମାନଙ୍କ ସମ୍ପତ୍ତି ବିକ୍ରୟରୁ ବଡ ଜମାକାରୀଙ୍କୁ ଟଙ୍କା ଫେରସ୍ତ ଆଦି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଦାବିପତ୍ର ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କୁ ପ୍ରଦାନ କରାଯାଇଥିଲା ।



ପୁଓ ଜିଉଁନ୍ତିଆ ଅବସରରେ ବଲାଙ୍ଗୀରର ମହିଳାମାନେ ବୁଧବାର ସନ୍ଧ୍ୟାରେ ପୂଜାର୍ଚ୍ଚନା କରୁଛନ୍ତି। (ଫଟୋ-ସୁନୀଲ)

## ଏବିଭିପିର ନଗର ସମ୍ମିଳନୀ

ବରଗଡ଼ ଅଫିସ୍,୨୯।୯

ବରଗଡ଼ ଜିଲା ଅତାବିରା ଏବିଭିପି(ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ) ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ନଗର ସମ୍ମିଳନୀ ଆୟୋଜିତ ହୋଇଥିଲା। ଅଚ୍ୟୁତ କୁମାର ମାଝୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଭିପି ରାଜ୍ୟ ସହସମ୍ପାଦିକ ଯାଜ୍ଞସେନୀ ମହାପାତ୍ର ମୁଖ୍ୟଅତିଥି, ଅନୁପମା ସେଠ, ଅତାବିରା ନଗର ଉପସଭାପତି ବିଜୟ ପ୍ରଧାନ ସମ୍ମାନିତ ଅତିଥି, ସମ୍ବଲପୁର ବିଭାଗ ସଂଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଏହି ଅବସରରେ ନୂତନ କାର୍ଯ୍ୟକାରିଣୀ ସଭ୍ୟ ମନୋନୀତ କରାଯାଇଥିଲା। ରାମକୃଷ୍ଣ ସାହୁ ନଗର ସଭାପତି, ବିଜୟ ପ୍ରଧାନ ନଗର ଉପସଭାପତି ମନୋନୀତ ହୋଇଥିଲେ। କାର୍ତ୍ତିକ ବେହେରା ନଗର ସମ୍ପାଦକ, ହୃଷିକେଶ ରଥ ନଗର ସହସମ୍ପାଦକ, ପ୍ରିୟଦତ୍ତ ସ୍ୱାଇଁ ଗଣମାଧ୍ୟମ ସଂଯୋଜକ ଉପସ୍ଥିତ ଥିଲେ।

## ଥାନାରେ ଖବରଦାତାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ବଲାଙ୍ଗୀର ଅଫିସ, ୨୯।୯

ବଲାଙ୍ଗୀର ଆଦର୍ଶ ଟାଉନ୍ ଥାନାରେ ଜଣେ ଖବରଦାତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଟାଉନ୍ ଥାନାରେ ଅଟକ ରଖିଥିଲା। ଏହି ଅଭିଯୁକ୍ତଙ୍କ ଫଟୋ ଉଠାଇବାବେଳେ ଜଣେ ଏଏସ୍‌ଆଇ ସମ୍ପୃକ୍ତ ସାମ୍ବାଦିକଙ୍କୁ ଫଟୋ ଉଠାଇବାକୁ ମନା କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ଗଭୀର ଅସନ୍ତୋଷ ପ୍ରକାଶ କରିବା ସହ ଘଟଣା ସମ୍ପର୍କରେ ସଦର ଏସ୍‌ଡିପିଓ ତୋଫାନ୍ ବାଗଙ୍କୁ ଜଣାଇଛନ୍ତି। ଏଦିଗରେ ସେ ପଦକ୍ଷେପ ନେବେ ବୋଲି କହିଥିଲେ।

## କଳାକାର ଜ୍ୟୋତିରଞ୍ଜନଙ୍କ ସ୍ମୃତିରେ ଭଜନ ସନ୍ଧ୍ୟା



ଯୁବ କଳାକାର ଜ୍ୟୋତିରଞ୍ଜନ ପାଣିଗ୍ରାହୀଙ୍କ ସ୍ମୃତିସଭାରେ ଉପସ୍ଥିତ ବ୍ୟକ୍ତିବିଶେଷ।

ବଲାଙ୍ଗୀର ଅଫିସ, ୨୯।୯

ବଲାଙ୍ଗୀର ଯାଦବ ଭବନଠାରେ କୋଭିଡରେ ପ୍ରାଣ ହରାଇଥିବା ଯୁବ କଳାକାର ଜ୍ୟୋତି ରଞ୍ଜନ ପାଣିଗ୍ରାହୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭଜନ ସନ୍ଧ୍ୟା ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଆବାହକ ଜୟକୃଷ୍ଣ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମାଜସେବୀ ଡ ଶ୍ରୀକର ମିଶ୍ର ପରିଚାଳାନା କରିଥିଲେ। ସଭାରେ ବିଧାୟକ ନରସିଂହ ମିଶ୍ର, ବଲାଙ୍ଗୀର ବ୍ଲକ ଅଧ୍ୟକ୍ଷ ଗୁଲାପ ବାଗ, ଗୁରୁଶ୍ରୀ ଘାସିରାମ ମିଶ୍ର, ଗୋପାଳଜୀ ପାଣିଗ୍ରାହୀ, ଅଜୟ ଦାସ ସ୍ମୃତିଚାରଣ କରିଥିଲେ। ସଭାରେ ଦିବଙ୍ଗତ ପାଣିଗ୍ରାହୀଙ୍କ ସ୍ତ୍ରୀ ସଙ୍ଗୀତା ଦାଶ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଭାସ ପାଣିଗ୍ରାହୀ, ଅଜୟ ଦାସ, ନାଟ୍ୟଗୁରୁ ପ୍ରଶାନ୍ତ ଖମାରୀ, ବିଧୁଭୂଷଣ ତ୍ରିପାଠୀ, ବିଜୟ କୁମାର ଶତପଥି, ରାଜେନ୍ଦ୍ର ପ୍ରସାଦ ବଢେଇ, ଶ୍ୟାମ କୁମାର ତ୍ରିପାଠୀ, ବ୍ୟାସଦେବ ନନ୍ଦ, ଗୋପାଳ ପଧାନ, ଆଦିକନ୍ଦ ଖମାରୀ, ସୋମନାଥ ମିଶ୍ର, ବିବେକା ପଟେଲ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅଙ୍କୁଶ ପାଣ୍ଡିଆ, ରଶ୍ମି ରଞ୍ଜନ ହୋତା, ଶୁଭ୍ରାଂଶୁ ପଣ୍ଡା, ଅଭିଶେଷ ଦାସ, ଲଳିତ ପୂଝାରୀ, ନବଘନ ଦାସ, ଧୀରେନ୍ଦ୍ର ପଣ୍ଡା, ରାମ ଦାସ, ବାସୁଦେବ ସା, ଶିବାନନ୍ଦ ତ୍ରିପାଠୀ ପ୍ରଶାନ୍ତ ମହାକୁର, ବିଭୁକଲ୍ୟାଣ ଗଡତ୍ୟା, ଚିତ୍ତ ରଞ୍ଜନ ଦାଶ, ବିନୋଦ କାଲସାଏ, କିଶୋର ଜାଲ, ସନ୍ଦୀପ ବାଗ ସ୍ମୃତିଚାରଣ କରିଥିଲେ। ଜଣେ ପ୍ରତିଭାବାନ ଯୁବ କଳାକାର ଭାବେ ସେ ସବୁବେଳେ ମନେ ରହିବେ ବୋଲି ବକ୍ତାମାନେ କହିଥିଲେ। ସଭା ପରେ ଭଜନ ପରିବେଷଣ କରଯାଇଥିଲା।

# କିଷାନ, ଯବାନଙ୍କୁ ସମ୍ବର୍ଦ୍ଧନା

ବିନିକା,୨୯।୯(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ଡୁଙ୍ଗୁରିପାଲି ବ୍ଲକ ରାମପୁର କଲ୍ୟାଣ ମଣ୍ଡପଠାରେ ଜିଲା ଭାଜପା କିଷାନ ମୋର୍ଚ୍ଚା ପକ୍ଷରୁ ରାଷ୍ଟ୍ର ହିତରେ ସର୍ବଦା ସମର୍ପିତ ରହୁଥିବା କିଷାନ ଓ ଯବାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଉପଲକ୍ଷେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଜିଲା କୃଷକ ମୋର୍ଚ୍ଚା ସଭାପତି ଶିବରାଜ ବେହେରା। ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ଏବଂ ଜିଲା ଭାଜପା ଦଳୀୟ ସଭାପତି ପ୍ରମୋଦ ମହାପାତ୍ର ଯୋଗଦେଇ କୃଷକ ଓ ଯବାନଙ୍କ ଦେଶ ପ୍ରତି ଥିବା ଅତୁଳନୀୟ ବଳିଦାନ ବିଷୟରେ କହିଥିଲେ । ସମ୍ବର୍ଦ୍ଧନା ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ପରିଷଦ ଉପାଧକ୍ଷ ରୁଦ୍ର ନାରାୟଣ ମହଲା, ବିଜୟ କୁମାର ମହାକୁର, କିଶୋର ହୋତା, କରମଚାନ୍ଦ ମହାନ୍ତି, ଭାଜପା ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର, ଜିଲା ଅନୁସୂଚିତ ଭାଜପା ଚାଷୀ ମୋର୍ଚ୍ଚା ସଭାପତି ବାବୁଲୁ ବିଶି, ଅଶୋକ ପୃଷ୍ଟି, କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଶମ୍ଭୁ ବସ୍ତିଆ, ରାମପୁର ମଣ୍ଡଳ ସଭାପତି ବୈଶାଖୁ ମିର୍ଦ୍ଧା, ଆଦିତ୍ୟ ପୁରୋହିତ, ବିଶ୍ୱଦେବ ବଡପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ କୃଷକ ସୟ ଭୋଇ, ଜଗଦୀଶ ସାହୁ, ହୃଷୀକେଶ ଭୋଇ, ଦୀନବନ୍ଧୁ ଦଲେଇ ଏବଂ ଦେଶବାସୀଙ୍କ ସୁରକ୍ଷାରେ ସମର୍ପିତ ଥିବା ଅଞ୍ଚଳର ଆର୍ଯ୍ୟ ପ୍ରସାଦ ପ୍ରଧାନ, କ୍ଷୀତେଶ ଚନ୍ଦ୍ର ସାମନ୍ତରାୟ, ଭାଗରଥି ବାଗ, ତାପସ କୁମାର ତ୍ରିପାଠୀ, ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।




ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିବା ନେତୃବୃନ୍ଦ।

# ଗଛ ମଣିଷ ଗିରିଧାରୀ

**ଜଙ୍ଗଲ ସୃଷ୍ଟି ଓ ସୁରକ୍ଷାରେ ବିତିଲାଣି ୩୫ ବର୍ଷ**

ସୋନପୁର,୩୦।୯
(ମୃତ୍ୟୁଞ୍ଜୟ ଶତପଥୀ)

ଗିରିଧାରୀ ଭୋଇ । ବୟସ ୬୦ ଛୁଇଁଲାଣି। ଏହି ବୟସରେ ବି ସେ ଥକି ପଡି ନାହାନ୍ତି। ଗଛ ଲଗାଇ ସୃଷ୍ଟି କରି ଚାଲିଛନ୍ତି ଜଙ୍ଗଲ। ଏପରି କି ଜଙ୍ଗଲର ବୃକ୍ଷ ଲତାକୁ କାଠ ଚୋର ଓ ନିଆଁ ଦାଉରୁ ରକ୍ଷା କରିବା ତାଙ୍କର ଏକ ନିଶା ପାଲଟି ଯାଇଛି । ଦୈନିକ ୭ ଘଣ୍ଟା ସେ ଜଙ୍ଗଲ ଜଗୁଛନ୍ତି। ସତେ ଯେମିତି ଜଙ୍ଗଲ ତାଙ୍କର ଅତି ନିଜର । ଏହିଭଳି ଜଣେ ନିଆରା ମଣିଷ ଗିରିଧାରୀଙ୍କ ଘର ସୁବର୍ଣ୍ଣପୁର ଜିଲା ତରଭା ବ୍ଲକଠାରୁ ୨୦କିମି ଦୂର ପୋଲବନ୍ଧ ଗ୍ରାମରେ। ସେ ନିଜ ଉଦ୍ୟମରେ ଗ୍ରାମ ପାର୍ଶ୍ୱ ୩୫ ହେକ୍ଟର ଟାଙ୍ଗରା ଜମିରେ ସୃଷ୍ଟି କରିଛନ୍ତି ଜଙ୍ଗଲ। ଏହି ଜଙ୍ଗଲରେ ରହିଛି ଅଁଳା, ମହୁଲ, ଶାଗୁଆନ, ଶାଳ, ପିଆଶାଳ, ଗମ୍ଭାରୀ, ହରିଡା ଓ ବାହାଡା ଆଦି ବିଭିନ୍ନ ପ୍ରକାର ଗଛ। ୧୯୮୬ ମସିହାରେ ଗ୍ରାମବାସୀଙ୍କ ସହିତ ମିଶି ସେ ସୃଷ୍ଟି କରିଥିଲେ ଏହି ଜଙ୍ଗଲ। ତେବେ କାଠ ଚୋରଙ୍କ ଦୌରାତ୍ମ୍ୟ ଓ ଜବରଦଖଲକାରୀଙ୍କ ଧମକ ଚମକରେ ସେ ଭାଙ୍ଗି ପଡି ନାହାନ୍ତି। କୁମ୍ଭାରମୁଣ୍ଡା ନିକଟସ୍ଥ ସୁଲିଆ ପାହାଡ, ଧରାପାହାଡ, କର୍ଲା ଡୁଙ୍ଗୁରି ଓ ଦଣ୍ଡା ଜଙ୍ଗଲର ଦେଢ ଶହ ହେକ୍ଟରରୁ ଉର୍ଦ୍ଧ୍ୱ ଜଙ୍ଗଲକୁ ସେ ସୁରକ୍ଷା ଦେଉଛନ୍ତି। ଗଛର ଯତ୍ନ ନେବା ଓ ଗଛକୁ ଭଲ ପାଇବା ଗିରିଧାରୀଙ୍କୁ ଗଛ ମଣିଷ ଭାବେ ପରିଚିତ କରିପାରିଛି।



ଗିରିଧାରୀ ଭୋଇ।

ଗିରିଧାରୀ କୁହନ୍ତି ବିଭିନ୍ନ କାରଣରୁ ଦିନକୁ ଦିନ ଜଙ୍ଗଲ ଲୋପ ପାଇବାରେ ଲାଗିଛି। ଏହାସତ୍ତ୍ୱେ ନୂତନ ଜଙ୍ଗଲ ସୃଷ୍ଟି ଓ ତାର ସୁରକ୍ଷା ନେଇ କେହି ବି ସଚେତନ ନୁହନ୍ତି। ତେବେ ତିନି ଦଶନ୍ଧିରୁ ଅଧିକ ସମୟ ଧରି ନୂତନ ଜଙ୍ଗଲ ସୃଷ୍ଟି ସହ ଜଙ୍ଗଲ ସୁରକ୍ଷା ପାଇଁ ସେ ଲାଗିଛନ୍ତି। ସକାଳ ହେଲେ ହାତରେ ଠେଙ୍ଗା ଓ କାନ୍ଧରେ ଟାଙ୍ଗିଆ ଧରି ସେ ଘରୁ ବାହାରି ପଡନ୍ତି। ଗାଁ ମୁଣ୍ଡ ଜଙ୍ଗଲରେ ପହଞ୍ଚି ଗଛ ସବୁର ଯତ୍ନ ନେବା ସହ ଜଙ୍ଗଲକୁ ଜଗି ବସନ୍ତି। ସକାଳୁ ୪ ଘଣ୍ଟା ଏବଂ ସନ୍ଧ୍ୟାରେ ୩ ଘଣ୍ଟା ଜଙ୍ଗଲରେ କଟାନ୍ତି । ଜଙ୍ଗଲ ସୁରକ୍ଷା ପାଇଁ ପୋଲବନ୍ଧ ଗାଁର ଲୋକଙ୍କୁ ନେଇ କମିଟି ଗଠନ କରିଛନ୍ତି। ଜଙ୍ଗଲରୁ କାଠ ଚୋରି ହେଉ କି ଖରାଦିନେ ଜଙ୍ଗଲରେ ନିଆଁ ଲାଗିଲେ ଗାଁ ଲୋକଙ୍କୁ ନେଇ ସେ ଆଗ ବାହାରି ପଡନ୍ତି। ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା ବାର୍ତ୍ତାକୁ ସେ ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ଚେଷ୍ଟା କରନ୍ତି। ତାଙ୍କ ଉଦ୍ୟମରେ ଏବେ ଗାଁରେ ସୃଷ୍ଟି ହୋଇଛି ଏକ ସୁନ୍ଦର ଜଙ୍ଗଲ। ପ୍ରାକୃତିକ ପରିବେଶ ଭିତରେ ଏହି ସୁନ୍ଦର ଜଙ୍ଗଲ ସମସ୍ତଙ୍କୁ ଆକର୍ଷିତ କରୁଛି। ଗାଁର ଗୋବିନ୍ଦ ବିହାରୀ କଅଁର କୁହନ୍ତି କେବଳ ଜଙ୍ଗଲ ସୃଷ୍ଟି କି ଜଙ୍ଗଲ ସୁରକ୍ଷା ନୁହେଁ। ଗ୍ରାମବାସୀଙ୍କ ସୁଖରେ ଓ ଦୁଃଖରେ ଗିରିଧାରୀ ଛିଡା ହୁଅନ୍ତି। ଜଣେ ଭଲ ଜ୍ୟୋତିଷ ଭାବରେ ସୁବର୍ଣ୍ଣପୁର ଜିଲା ସମେତ ଆଖପାଖ ଜିଲାରେ ଗିରିଧାରୀଙ୍କର ନାଁ ରହିଛି। ଗିରିଧାରୀଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୧୯୯୬ରେ ପ୍ରକୃତି ମିତ୍ର ପୁରସ୍କାର ମିଳିଛି। ସେହିପରି କଳା ଓ ସମାଜ ସେବା ପାଇଁ ଅଷ୍ଟଭୁଜା ସମ୍ମାନ, ରାଜ୍ୟ କଳା ଗବେଷଣା ଓ ପରିବେଶ ସମ୍ମାନ, ଶ୍ରୀ ଗୁଣ୍ଡିଚା ସମ୍ମାନ ଏବଂ ଅଷ୍ଟଭୁଜା ସାହିତ୍ୟ ସମ୍ମାନ ଭଳି ଅନେକ ସମ୍ମାନ ମିଳି ସାରିଛି। ଏଭଳି ଜଣେ ବ୍ୟକ୍ତିଙ୍କୁ ନେଇ ଅଞ୍ଚଳବାସୀ ବି ବେଶ ଖୁସିବ୍ୟକ୍ତ କରନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୩୦ ସେପ୍ଟେମ୍ବର, ୨୦୨୧



## ୟୁରିଆ ସାର ପାଇଁ ଚାଷୀଙ୍କ ଭିଡ଼

ମୋହନଗିରି,(ଡି.ଏନ.ଏ.): କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ ମୋହନଗିରି ସେବା ସମବାୟ ସମିତିଠାରେ ୟୁରିଆ ସାର ପାଇଁ ଚାଷୀଙ୍କ ଭିଡ଼ ଦେଖିବାକୁ ମିଳିଛି। ସେବା ସମବାୟ ସମିତିକୁ ମିଶାଇ ମୋହନଗିରିଠାରେ ୪ଟି ମାନ୍ୟତାପ୍ରାପ୍ତ ଡିଲର ଅଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ କେବଳ ସେବା ସମବାୟ ସମିତିକୁ ୫୬୦ ବସ୍ତା ୟୁରିଆ ସାର ଯୋଗାଇ ଦିଆଯାଇଛି। ଅଞ୍ଚଳରେ ୧୦୦୦ରୁ ୧୫୦୦ ବସ୍ତା ସାର ଆବଶ୍ୟକତା ଥିବାରୁ ଅଧିକାଂଶ ଚାଷୀ ସାର ନ ପାଇ ଅସନ୍ତୋଷବ୍ୟକ୍ତ କରୁଛନ୍ତି। ଦାୟିତ୍ୱରେ ଥିବା ମ. ରାମପୁର ଅତିରିକ୍ତ କୃଷି ଅଧିକାରୀଙ୍କୁ ପଚାରିବାରୁ ଚାଷୀଙ୍କୁ ଆବଶ୍ୟକ ସାର ଯୋଗଇବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି ବୋଲି କହିଥିଲେ। ଯଥାଶୀଘ୍ର ସାର ନ ଯୋଗାଇଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

**ସଂକ୍ଷେପରେ**

## ସାର୍ଟିଫିକେଟ ଦାଖଲ କଲେନି, ଇସ୍ତଫା ଦେଲେ

କଣ୍ଟାବାଞ୍ଜି,୨୯।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁରେକେଲା ବ୍ଲକର ବିଭିନ୍ନ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାଲ ସିଟି ଓ ଶିକ୍ଷାଗତ ସାର୍ଟିଫିକେଟ ବଳରେ ନିଯୁକ୍ତି ପାଇଥିବା ଅଭିଯୋଗ ପରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପକ୍ଷରୁ ଯାଞ୍ଚ ଆରମ୍ଭ ହୋଇଥିଲା। ଏହିକ୍ରମରେ ବ୍ଲକର ୬ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ସମୟରେ ଦାଖଲ କରିଥିବା ପ୍ରମାଣ ପତ୍ର ଜମା କରିବା ପାଇଁ ଗତ ତା୨୩।୯।୨୦୨୧ରିଖରେ ନୋଟିସ୍ ଯାରି କରିଥିଲେ । ସେମାନଙ୍କ ମଧରୁ ହିଆଁଲ ପଞ୍ଚାୟତ କର୍ଲାବାହାଲି ଗ୍ରାମର ସନ୍ତୋଷୀ ଦାସ ନିଜର ସମସ୍ତ ସାର୍ଟିଫିକେଟ ଜମା କରିବା ବଦଳରେ ମଙ୍ଗଳବାର ବିଇଓଙ୍କ କାର୍ଯ୍ୟାଳୟକୁ ଯାଇ ନିଜର ଇସ୍ତାଫା ପତ୍ର ଦେଇଥିବା ବିଇଓ ସୁରେନ୍ଦ୍ର କୁମାର ପୁରୋହିତ ସୂଚନା ଦେଇଛନ୍ତି। ଶିକ୍ଷୟିତ୍ରୀ ଦାସ ଗତ ତା୧୯।୧୦।୨୦୧୧ରିଖରେ ଚାକିରିରେ ଯୋଗ ଦେଇଥିଲେ । ତର୍ଜମା ଚାଲିଛି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଇଓ ପୁରାହିତ କହିଛନ୍ତି।

## ୧୬ ଦିନ ଧରି ଭକ୍ତଙ୍କୁ ଦର୍ଶନ ଦେବେନି ମା' ଭୈରବୀ

ପୁରୁଣା କଟକ,୨୯।୯( ଡି.ଏନ.ଏ.): ବୌଦ୍ଧ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ପୀଠରେ ଆରମ୍ଭ ହୋଇଯାଇଛି ଷୋଳ ପୂଜା । ଗୁପ୍ତ ପୂଜା ପାଇଁ ମା' ଭକ୍ତଙ୍କୁ ଦର୍ଶନ ଦେବେନାହିଁ । ପୁରୁଣାକଟକଠାରେ ମା'ଙ୍କ ଶକ୍ତି ପୀଠ ରହିଛି । ଏହି ପୀଠରେ ଶିବ ଓ ଶକ୍ତି ଏକାଠି ପୂଜା ପାଉଥାନ୍ତି । ଏଠାରେ ବର୍ଷ ସାରା ବିଭିନ୍ନ ପର୍ବ ପାଳିତ ହେଉଥିଲେ ମଧ ମା'ଙ୍କ ଷୋଳପୂଜା ବା ଖଣ୍ଡାବସା ହେଉଛି ଅନ୍ୟତମ । ଷୋଳ ପୂଜା ଆଶ୍ୱିନ ମାସ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ହୋଇଥାଏ । ଏହାର ସମସ୍ତ କାର୍ଯ୍ୟ କୁମାର ପୂର୍ଣ୍ଣିମା ଦିନ ସମାପ୍ତ ହୋଇଥାଏ । । ଷୋଳପୂଜାର ଆରମ୍ଭ ଦିନ ମା'ଙ୍କ ପାଟଖଣ୍ଡା ଓ ବିଜୟ ପ୍ରତିମାକୁ ନେଇ ପୁରୁଣା କଟକ ବଜାର ପରିକ୍ରମା କରାଯାଇଥାଏ । ଏହି ଦିନ ଅଞ୍ଚଳରେ ପୁଅର ଶୁଭ ମନାସି ମା'ମାନେ ପୁଅ ଜିଉଁତିଆ କରିଥାନ୍ତି । ଏପଟେ ଦେବୀଙ୍କୁ ଗୁପ୍ତ ପୂଜା୧୬ ଦିନ ଧରି କରାଯାଇଥାଏ। ମନ୍ଦିର ଦର୍ଶନ ବନ୍ଦ ରହିଥାଏ । ମନ୍ଦିରରେ ଆଲୋକ ନିର୍ବାପିତ କରାଯାଇଥାଏ । କଥୋପକଥନ ବାରଣ କରାଯାଇଥାଏ । ମନ୍ଦିରରେ ଗୁପ୍ତ ପୂଜା କରାଯାଉଥିବାରୁ ଭକ୍ତଙ୍କୁ ଦେବୀଙ୍କ ଦର୍ଶନ ବାରଣ ହୋଇଥାଏ। ମହାଷ୍ଟମୀ ରାତ୍ରିରେ ଦେବୀ ମହିଷାମର୍ଦ୍ଦିନୀ ବେଶ ଧାରଣ କରିଥାନ୍ତି ।

## ଭୈରବ ଦେବଙ୍କ ଝାମୁଯାତ୍ରା ସମ୍ପନ୍ନ

ଭବାନୀପାଟଣା,୨୯।୯(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଥୁଆମୂଳ ରାମପୁରଠାରେ ଅଗ୍ନି ଭୈରବଙ୍କ ପ୍ରସିଦ୍ଧ ଝାମୁଯାତ୍ରା ବା ବାଲିଯାତ୍ରା ପରମ୍ପରା ରୀତିନୀତି ସହ ସମ୍ପନ୍ନ ହୋଇଯାଇଛି। ମୁଖ୍ୟ ପୂଜକ ଅକ୍ଷୟ ରାୟଗୁରୁଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ପ୍ରଥମେ ସକାଳେ ଝାମୁଯାତ୍ରା ପ୍ରସ୍ତୁତି ପ୍ରଥମ ପର୍ଯ୍ୟାୟରେ କାଠଗୁଡିକୁ ଅଗ୍ନି ସଂଯୋଗ ପାଇଁ ପୂଜାର୍ଚ୍ଚନା ସହ ଅଗ୍ନି ସଂଯୋଗ କରାଯାଇଥିଲା । ଅପରାହ୍ନରେ ଭୈରବ ପୂଜକ ଯୁବକ ପରିଚ୍ଛାଙ୍କୁ ଭୈରବ ଦେବଙ୍କ କାଳିସୀ ଲାଗି ହେବାପରେ ସହର ପରିକ୍ରମା ସାରି ପୂଜକ ଶରତ ପୃଷ୍ଟାରୀଙ୍କୁ ମା' ମାଣିକେଶ୍ୱରୀଙ୍କ କାଳିସୀ ଲାଗି ହେବା ପରେ ଦୁହେଁ କଣ୍ଟା ଗାଦିଆ ବସି କଣ୍ଟାଦୋଳି ଝୁଲିଥିଲେ। ଶେଷରେ ଅଗ୍ନି ଭୈରବଙ୍କ କାଳିସୀ ଲାଗି ନିଆଁରେ ଚାଲିଥିଲେ। କୋଭିଡ୍ ଗାଇଡ ଲାଇନ ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତିବନ୍ଧକ ସାଜିଥିଲା ।

# କଳା, ସଂସ୍କୃତିର ସୁରକ୍ଷା ପାଇଁ ଆହ୍ୱାନ

ବରଗଡ଼ ଅଫିସ୍,୨୯।୯



ବରଗଡ଼ରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ଲୋକକଳା ଟ୍ରଫି ପ୍ରତିଯୋଗିତାରେ ଲୋକକଳା ପରିବେଷଣ।

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବୁଧବାର ଜିଲାସ୍ତରୀୟ ନୂଆଁଖାଇ ଭେଟଘାଟ୍ ଏବଂ ମୁଖ୍ୟମନ୍ତ୍ରୀଙ୍କ ଲୋକକଳା ଟ୍ରଫି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ପଦ୍ମଶ୍ରୀ ହଲଧର ନାଗ ମୁଖ୍ୟଅତିଥି ଏବଂ ବିଧାୟକ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଶ୍ରଦ୍ଧା, ସମ୍ମାନ, ଆତ୍ମୀୟତା ତଥା ଭ୍ରାତୃତ୍ୱ ପ୍ରେମର ଏକ ନିଆରା ବାର୍ତ୍ତା ସମାଜକୁ ପ୍ରଦାନ କରିବା ସହିତ ନୂଆଁଧାନ, ନୂଆଁମନ ନେଇ ମଣିଷ ପୁଣିଥରେ ନିଜକୁ କାର୍ଯ୍ୟପଥରେ ଅଗ୍ରସର ହେବା ପାଇଁ ପ୍ରୋତ୍ସାହିତ କରେ ବୋଲି ଅତିଥିବୃନ୍ଦ କହିଥିଲେ।

ଲେକକଳା ଟ୍ରଫି ପ୍ରତିଯୋଗିତା ଲୋକକଳାର ପ୍ରଚାର, ପ୍ରସାର ତଥା ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ। ପଦ୍ମଶ୍ରୀ ନାଗ ସଂସ୍କୃତିର ସୁରକ୍ଷା କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେବା ସହିତ ଲୋକମୁଖରେ ପରିବେଷିତ ହେଉଥିବା କଳା ହିଁ ଲୋକକଳା ଏବଂ ଏହାକୁ ବିକୃତ ନ କରି ସୁରକ୍ଷିତ ରଖିବା ସହିତ ଏହାର ବିକାଶ ଦିଗରେ ଗବେଷଣା ଜରୁରୀ ବୋଲି କହିଥିଲେ। ଏହି ଅବସରରେ ଅତାବିରାର କରମସାନୀ, ଭେଡ଼େନର ଖଞ୍ଜଣୀ ଭଜନ, ବରଗଡ଼ର ଡାଲଖାଇ, ରସରକେଲୀ, ଭଟଲିର କରମା ନାଚ, ଅମ୍ବାଭୋନାର ସମ୍ପ୍ରଦା, ବରପାଲିର ଶବ୍ଦନୃତ୍ୟ, ବିଜେପୁରର ଘୁଡୁକା ନୃତ୍ୟ, ପାଇକମାଲର ଡାଲଖାଇ, ପାଇକମାଲର ଡାଲଖାଇ, ଝାରବନ୍ଧର ସଂଗର ନୃତ୍ୟ ପରିବେଷିତ ହୋଇଥିଲା। ଉତ୍ସବରେ ରାଜ୍ୟ ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ପୁରସ୍କୃତ ବର୍ଷୀୟାନ ନାଟ୍ୟ ନିର୍ଦ୍ଦେଶକ ହରିହର ମିଶ୍ର, ଅଭିନେତ୍ରୀ ସୁଶିଳା ନାୟାରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରଗଡ଼ର ନୁପୁର କଳା ପରିଷଦ ଏବଂ କଳାଜିବି ଅନୁଷ୍ଠାନ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ପ୍ରତିଯୋଗିତାରେ ଗାଇସିଲେଟର ସରଗମଲ୍ଲୀ ଅନୁଷ୍ଠାନ ପ୍ରଥମ, ସୋହେଲାର ଦୁଲ୍ହା ବିହା ଦ୍ୱିତୀୟ, ତୋରାର ସମ୍ବଲପୁରୀ ନୃତ୍ୟ ଗବେଷଣା କେନ୍ଦ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲାର ପ୍ରତ୍ୟେକ ବ୍ଲକ କଳା ସଂସ୍କୃତି ସଂଘର ପ୍ରତିନିଧିମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ରାଜ୍ୟସ୍ତରୀୟ ଲୋକକଳା ଟ୍ରଫି ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି ବୋଲି ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି ।

# ଯୁବ ସମ୍ବଳ କେନ୍ଦ୍ର ପକ୍ଷରୁ କ୍ୟାରିୟର କାଉନ୍ସେଲିଂ

ନୂଆପଡ଼ା ଅଫିସ,୨୯।୯

ନୂଆପଡା ଜିଲା ବୃଦ୍ଧି କୋମନା ପଞ୍ଚାୟତ କଲେଜରେ ବୁଧବାର ଯୁବ ସମ୍ବଳ କେନ୍ଦ୍ର ନୂଆପଡା ପକ୍ଷରୁ ଯୁକ୍ତ ୨କଳା ବିଭାଗ ଛାତ୍ରୀଛାତ୍ରଙ୍କୁ ନେଇ କ୍ୟାରିୟର କାଉନ୍ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୁବ ସମ୍ବଳ କେନ୍ଦ୍ର ସଂଯୋଜକ ବିଶ୍ୱଜିତ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟାପକ ରାଜ କୁମାର ସୁନାନୀ, ପରିତୋଷ ସାହୁ, ଦୁର୍ଯ୍ୟୋଧନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଟିକେଶ୍ୱର ହଂସ ରୋୟାଲ କ୍ଲବ ସମ୍ପାଦକ ଗନିଆରୀ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ଯୁକ୍ତ ଦୁଇ ପାଠପଢା ପରେ କେଉଁ ବିଷୟରେ ପାଠପଢି ପାରିବେ ଓ ନିଜ କ୍ୟାରିୟର କାଉନ୍ସେଲିଂ ଭାବେ ନିର୍ଦ୍ଧାରଣ କରିବେ, କ୍ୟାରିୟର ଯୋଜନା କିପରି ଭାବେ କରାଯାଏ, ପିଲାଙ୍କ ପାଇଁ ସରକାରୀ କିମ୍ବା ବେସରକାରୀସ୍ତରରେ କଣ ରୋଜଗାରର ସୁବିଧା ଅଛି ଆଦି ବିଷୟରେ ଆଲୋଚନା କରାଯାଇଥିଲା ।



କ୍ୟାରିୟର କାଉନ୍ସେଲିଂ କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ରମାନେ।

# ଦାବି ପୂରଣ ନ ହେଲେ ୨ରୁ ଅସହଯୋଗ ଆନ୍ଦୋଳନ



ଆୟୁଷ ଡାକ୍ତରମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

ନୂଆପଡ଼ା ଅଫିସ୍,୨୯।୯

ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ନୂଆପଡା ଜିଲାରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନେ ବିଭିନ୍ନ ଦାବି ନେଇ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାଳି ପ୍ରସାଦ ବେହେରା ଓ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଯେ, ୨୦୦୭ରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ (ତତ୍କାଳୀନ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ) ଆନୁକୂଲ୍ୟରେ ରାଜ୍ୟରେ ପ୍ରାୟ ୧୪୫୦ଜଣ ଆୟୁଷ ଡାକ୍ତର ଠିକା ନିଯୁକ୍ତିରେ କାର୍ଯ୍ୟ କରି ଆସୁଛନ୍ତି। ଡାକ୍ତରମାନଙ୍କ ଅଭିଯୋଗ ମୁତାବକ ଏମାନଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଡାକ୍ତରମାନେ କୋଭିଡ୍ ସମୟରେ କୋଭିଡ୍ ଚିକିତ୍ସା କେନ୍ଦ୍ର, ସଚେତନତା କାର୍ଯ୍ୟ, କୋଭିଡ୍ ପରୀକ୍ଷା, ଟିକାକରଣ ଆଦି କାର୍ଯ୍ୟ ସୁଚାରୁ ଭାବେ ତୁଲାଇ ଆସିଛନ୍ତି। ୨୦୧୯ରେ ସରକାର ନିର୍ବାଚନ ପୂର୍ବରୁ କେବଳ ଆୟୁଷ ଡାକ୍ତରଙ୍କୁ ଛାଡି ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ କର୍ମଚାରୀଙ୍କୁ ନିୟମିତ କରିଥିଲେ । କିନ୍ତୁ ଆୟୁଷ ଡାକ୍ତରମାନେ ଏଲୋପାଥିକ ଡାକ୍ତର ପରି ସମସ୍ତ କାର୍ଯ୍ୟ ତୁଲାଉଥିଲେ ମଧ୍ୟ ନ୍ୟାୟ ପ୍ରଦାନ କରାଗଲା ନାହିଁ । ଦୀର୍ଘ ୧୪ ବର୍ଷ ଜଣେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରିଥିଲେ ମଧ୍ୟ ନିୟମିତ ନ ହେବା ପରିତାପ ବିଷୟ। ଆସନ୍ତା ୩୦ ତାରିଖ ମଧରେ ଆୟୁଷ ଡାକ୍ତରମାନଙ୍କ ଦାବି ପୂରଣ ନ ହେଲେ ଆସନ୍ତା ଅକ୍ଟୋବର ୨ ତାରଖ ଗାନ୍ଧୀ ଜୟନ୍ତୀଠାରୁ ଅନିର୍ଦ୍ଦିଷ୍ଟକାଳ ପାଇଁ ଅସହଯୋଗ ଆନ୍ଦୋଳନ କରାଯିବ ବୋଲି ଚେନାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ନୂଆପଡା ଆୟୁଷ ଡାକ୍ତର ସଂଘ ସଭାପତି ବିଶ୍ୱ ରଞ୍ଜନ ପ୍ରଧାନ, ଉପସଭାପତି ସଂଘମିତ୍ରା ବାବୁ, ସମ୍ପାଦକ ଦୀପକ ରଞ୍ଜନ ସେଠୀ, ସହସମ୍ପାଦକ ଧମେନ୍ଦ୍ର ମାଝି, କୋଷାଧ୍ୟକ୍ଷ ଭାବନା ନାଗପୁରେ, ଶୈଳେଶ କୁମାର ଦେବାଙ୍ଗନ, ଉତ୍ତମ କୁମାର ତେଣ୍ଡୁ, ରିତେଶ ପଣ୍ଡା, ମଧୁଲିକା ପଟ୍ଟନାୟକ ପ୍ରମୁଖ ଉପସ୍ଥିତି ରହିଥିଲେ।

# ବିଜେଡିର ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ

**ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି**

ଅମରପାଲି,୨୯।୯(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସ୍ଥାନୀୟ କଲ୍ୟାଣମଣ୍ଡପରେ ବୁଧବାର ଦିନ ବିଜୁ ଜନତା ଦଳର ନିର୍ବାଚନମଣ୍ଡଳୀସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସମ୍ପାଦକ ସ୍ୱୟମ୍ଭୁନାଥ ଖଣ୍ଡଗିରୀଙ୍କ ପୌରୋହିତ୍ୟରେ ହୋଇଥିବା ଏହି ସଭାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଓ ବୌଦ୍ଧ ବିଧାୟକ ପ୍ରଦୀପ ଅମାତ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ସେମାନେ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ଦଳ ପାଇଁ ସଙ୍ଗଠିତ ହୋଇ କାମ କରିବାକୁ ପରାମର୍ଶ ଦେବା ସହିତ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନ ପାଇଁ ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲା ବିଜେଡି ସଭାପତି ସରୋଜ କର୍ମ, ବିନିକା ବ୍ଲକ ବିଜେଡି ସଭାପତି ଦ୍ୱାରିକାନାଥ ସାହୁ, ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ,ଏନଏସି ବିଜେଡି ସଭାପତି ସୋମନାଥ ମିଶ୍ର,ବୀରମହାରାଜପୁର ବ୍ଲକ ବିଜେଡି ସଭାପତି ମୃତ୍ୟୁଞ୍ଜୟ ପଧାନ, ଉଲୁଣ୍ଡା ବ୍ଲକ ବିଜେଡି ସଭାପତି ଝସକେତନ ବଘାର, ଉଲୁଣ୍ଡା ବ୍ଲକ ଉପାଧକ୍ଷ ଅଶୋକ ପଣ୍ଡା,ରାଜ୍ୟ ସମ୍ପାଦକ ଉତ୍ତର ପାତ୍ର ,ଧିରେନ୍ଦ୍ର ପଣ୍ଡା ଓ ବୀରମହାରାଜପୁର ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ସତ୍ୟଞ୍ଜିବ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜେଡି ଜିଲା ସମ୍ପାଦକ ରଞ୍ଜିତ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ସ୍ଥାନୀୟ ବସଷ୍ଟାଣ୍ଡ ନିକଟରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଉକ୍ତ କାର୍ଯକ୍ରମରେ ବୀରମହାରାଜପୁର,ଉଲୁଣ୍ଡା ଓ ବିନିକା ବ୍ଲକର ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟରେ ଶବ ସଂରକ୍ଷଣ ଗୃହ ଉଦ୍‌ଘାଟିତ

ଅମରପାଲି,୨୯।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଉପଖଣ୍ଡୀୟ ଚିକିତ୍ସାଳୟରେ ବୁଧବାର ସ୍ଥାନୀୟ ବିଧାୟକ ତଥା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ପ୍ରାୟ ୭୧.୧୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରଶାସନିକ ବିଭାଗର ନୂତନ କୋଠାଘର ଉଦ୍‌ଘାଟିତ ହୋଇଯାଇଛି। ଏଥିସହିତ କୋଭିଡ -୧୯ ତୃତୀୟ ଲହରର ମୁକାବିଲା ପାଇଁ ୧୦ ଶଯ୍ୟା ବିଶିଷ୍ଟ ଆଇସିୟୁ ଓ ଏକ ଶବ ସଂରକ୍ଷଣ ଗୃହ ମଧ ଉଦ୍‌ଘାଟନ କରାଯାଇଛି। ନିକଟରେ ପୁନଃ ଆରମ୍ଭ ହୋଇଥିବା ରକ୍ତ ଭଣ୍ଡାରକୁ ମଧ ମନ୍ତ୍ରୀ ପରିଦର୍ଶନ କରିଥିଲେ। ଏହି ଅବସରରେ ବୀରମହାରାଜପୁର ଏସଡିଏମଓ ଡା.ରବୀନ୍ଦ୍ର ନାଥ ପଣ୍ଡା, ବିପିଏମ ମହେନ୍ଦ୍ର ମିଶ୍ର, ବରିଷ୍ଠ ଚିକିତ୍ସା ପରିଦର୍ଶକ ବିଶିକେଶନ ରଥ, ପିଡବ୍ଲୁଡି ଏସଡିଓ ଅମିତ ଟୁଡୁ, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ପୂର୍ବତନ ସରପଞ୍ଚ ନାରାୟଣ ଲୁହା, ସ୍ୱେଚ୍ଛାସେବୀ ଶୈଳରଞ୍ଜନ ବାଦୀ ପ୍ରମୁଖ ଉପସ୍ଥିତ ଥିଲେ।



ଚିକିତ୍ସାଳୟରେ ନୂତନ କୋଠାଘରକୁ ମନ୍ତ୍ରୀ ପଦ୍ମନାଭ ବେହେରା ଉଦ୍‌ଘାଟନ କରୁଛନ୍ତି ।

# କେସିଙ୍ଗା ବ୍ଲକରେ ସ୍ୱଚ୍ଛତା ରଥର ଶୁଭାରମ୍ଭ

କେସିଙ୍ଗା,୨୯।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପରିସରରେ ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ ଆଜାଦିକା ଅମୃତ ମହୋତ୍ସବ ଉପଲକ୍ଷେ ଏକ ସ୍ୱଚ୍ଛତା ରଥର ଶୁଭାରମ୍ଭ ହୋଇଯାଇଛି। ବୁଧବାର ଏହାକୁ କେସିଙ୍ଗା ବ୍ଲକ ଅଧକ୍ଷା ସୁକାନ୍ତି ବେହେରା ଓ ବିଡିଓ ପ୍ରଫୁଲ୍ଲ କୁମାର ଅଦୁ ଗ୍ରିନ ପତାକା ଦେଖେଇ ଶୁଭାରମ୍ଭ କରିଥିଲେ। ଆଜାଦିକା ଅମୃତ ମହୋତ୍ସବ ଚାଲିଥିବା ସମୟରେ କେସିଙ୍ଗା ବ୍ଲକ ସମସ୍ତ କର୍ମଚାରୀଙ୍କ ମିଳିତ ସହଯୋଗରେ ବ୍ଲକ ପରିସର ସଫା କରିଥିଲେ। ସ୍ୱଚ୍ଛତା କାର୍ଯ୍ୟକ୍ରମ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ସ୍ୱଚ୍ଛତା ରଥ ପ୍ରତ୍ୟେକ ପଞ୍ଚାୟତ ଯାଇ ଗ୍ରାମକୁ ସଫା ସୁତୁରା ରଖିବ ଓ ପରିଷ୍କାର ପରିଛନ୍ନ ରଖିବା ପାଇଁ ସଚେତନ ବାର୍ତ୍ତା ପ୍ରଦାନ କରିବ। ଏଥିରେ ବ୍ଲକ ଉପଧାକ୍ଷ ରଜନୀକାନ୍ତ ପୋଢ, ବିଆରସି ନମିତା ପ୍ରଧାନ, ପ୍ରତିମା ସାହୁ, ଶୀଧେଶ୍ୱର ମେହେର, କନିଷ୍ଠ ଯନ୍ତ୍ରୀ ଦିଲୀପ ପଟେଲ, ଅଶୋକ ଭୋଇ ଓ ସମସ୍ତ ବ୍ଲକ କର୍ମଚାରୀ ସାମିଲ ହୋଇ ସହଯୋଗ କରିଥିଲେ ।



ସ୍ୱଚ୍ଛତା ରଥକୁ ବ୍ଲକ ଅଧକ୍ଷା ଓ ବିଡିଓ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ବିଜେଡିର ଜିଲା ପରିଷଦ ଜୋନସ୍ତରୀୟ କର୍ମଶାଳା

ଡୁଙ୍ଗୁରିପାଲି,୨୯।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ପଣ୍ଡକିଟାଲ ଆରଏମସି ପ୍ରାଙ୍ଗଣରେ ବୁଧବାର ଜିଲା ପରିଷଦ ଜୋନସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲା ବିଜେଡି ଉପସଭାପତି ରମେଶ ପୂଜାରୀ,ବ୍ଲକ ଚେୟାରମ୍ୟାନ ମକରଧ୍ୱଜ ସାହୁ,ଜିଲା ସରପଞ୍ଚ ସଂଘ ସଭାପତି ପ୍ରକାଶ ସାହୁ ମଞ୍ଚାସୀନ ଥିଲେ । ଡୁଙ୍ଗୁରିପାଲି ବ୍ଲକର ଜୋନ ନଂ-୩ ରାମପୁରରେ ବିଜେଡି ଯେପରି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୟ ଲାଭ କରିବ ସେ ବିଷୟରେ ଆଲୋଚନା ହୋଇଥିଲା । ମନ୍ତ୍ରୀ ପୂଜାରୀ ତାଙ୍କ ବକ୍ତବ୍ୟରେ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଯେପରି ଜିଲା ପରିଷଦ ଆସନ ହାତେଇବା ସହ ପଞ୍ଚାୟତ ସମିତି ଓ ପଞ୍ଚାୟତ ଗଠନ କରିବେ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ଏହି କର୍ମଶାଳାରେ ରାମପୁର ଜୋନର ୱାର୍ଡସ୍ତରୀୟରୁ ଜିଲା ପରିଷଦସ୍ତରୀୟ ପର୍ଯ୍ୟନ୍ତ ସଙ୍ଗଠନ ମଜଭୁତ କରିବା ପାଇଁ ଆଲୋଚନା ହୋଇଥିଲା। ଏଥିରେ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ ।

# ୪ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ କାଂସ୍ୟ ପଦକ ହାସଲ

ସୋନପୁର,୨୯।୯(ନି.ପ୍ର.)

**ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲାକୁ ସଫଳତା**

ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ଏକାଡେମୀକୁ ମିଳିଛି ସଫଳତା। ଜିଲାର ପ୍ରତିଯୋଗୀମାନେ ୪ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ କାଂସ୍ୟ ପଦକ ହାସଲ କରିଛନ୍ତି। କଲିକତାର ଗୁଲମୋହର ଷ୍ଟାଡିୟମରେ ୨୫ ଓ ୨୬ ତାରିଖ ଦୁଇ ଦିନ ଧରି ପ୍ରଥମ ପ୍ରୋଗ୍ରେସିଭ୍ କପ୍ ଓପନ ଟାଏକୋଣ୍ଡୋ ଚାମ୍ପିୟାନଶିପ୍ ଅନୁଷ୍ଠିତ ହୋଇଥିଲା। ଜିଲା ଟାଏକୋଣ୍ଡୋ ଏକାଡେମୀର ୧୭ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ସେଥିରୁ ୧୪ ପ୍ରତିଯୋଗୀ ପଦକ ହାତେଇଛନ୍ତି। ଏକାଡେମୀର କୋଚ୍ ଏହେସାସ ହୋତାକୁ ଶ୍ରେଷ୍ଠ କୋଚ୍ ଭାବେ ପୁରସ୍କୃତ କରାଯାଇଛି। ସ୍ୱର୍ଣ୍ଣ ପଦକ ବିଜେତାମାନେ ହେଲେ ମୁକେଶ କୁମାର ପଣ୍ଡା, ଅନ୍ୱେଷ ହୋତା, ବିଶ୍ୱରଞ୍ଜନ ସାହୁ ଓ ହର୍ଷିତା ନାୟକ। ରୌପ୍ୟ ପଦକ ବିଜେତା ହେଲେ ମନିଷ ମହାନ୍ତି, ବିଶ୍ୱଜିତ ଡାଙ୍ଗ, ବାବୁଲୁ କର୍ଣ୍ଣ, ପ୍ରାଚୀ ପରମିତା ସାହୁ, ଚିନ୍ମୟ ପ୍ରସାଦ ମେହେର ଓ ପ୍ରିୟଦର୍ଶନୀ କର। ସେହିପରି ଅର୍ପିତା ମହାକୁର, ସୁରଜ ପଟ୍ଟନାୟକ, ଦେବାଶିଷ ନାୟକ ଏବଂ ଆନଭି ଅଗ୍ରୱାଲ କାଂସ୍ୟ ପଦକ ହାସଲ କରିଛନ୍ତି। ଟିମ୍ ମ୍ୟାନେଜର ରବୀନ୍ଦ୍ର ହୋତାଙ୍କ ନେତୃତ୍ୱରେ ଏହି ଟିମ୍ କଲିକତା ଯାଇଥିଲେ। ଏହି ସଫଳତା ପରେ ଓଡିଶା ଟାଏକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜଙ୍କ ସମେତ ଅନ୍ୟାନ୍ୟ ଅନୁଷ୍ଠାନ, ବ୍ୟକ୍ତିବିଶେଷ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



ପଦକ ହାସଲ କରିଥିବା ସୁବର୍ଣ୍ଣପୁର ଜିଲାର କୃତୀ ପ୍ରତିଯୋଗୀ।

**ଖଣ୍ଡାବସା ପୂଜା ସମ୍ପନ୍ନ**

# ପ୍ରସିଦ୍ଧ ବଳି ଯାତ୍ରାର ଶୁଭାରମ୍ଭ

ସୋନପୁର,୨୯।୯(ନି.ପ୍ର.)

ସୁବର୍ଣ୍ଣପୁରର ପ୍ରସିଦ୍ଧ ମହାବଳୀ ଯାତ୍ରା ଅମାବାସ୍ୟା ତିଥିରୁ ଆରମ୍ଭ ହେବ। ଏଥିପାଇଁ ପରମ୍ପରା ଅନୁଯାୟୀ କୃଷ୍ଣପକ୍ଷ ଅଷ୍ଟମୀ ତିଥି ବୁଧବାର ରାତିରେ ଖଣ୍ଡାବସା ପୂଜା ଅନୁଷ୍ଠିତ ହୋଇଥିଲା। ଏହି ପୂଜା ସମ୍ପନ୍ନ ହେବା ପରେ ବଳି ଯାତ୍ରାର ଶୁଭାରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ସମଲେଇ ମନ୍ଦିରରୁ ଖଣ୍ଡାକୁ ରାଜାଙ୍କ ଗଡଭିତରର ଖଣ୍ଡାଧାର ଘାଟକୁ ନିଆଯାଇଥିଲା। ସେଠାରେ ଖଣ୍ଡାକୁ ଧୁଆଯିବା ପରେ ରାଜ ପୁରୋହିତ ଦୀପକ ପୁରୋହିତ ପୂଜା ଅର୍ଚ୍ଚନା କରିଥିଲେ। ଖଣ୍ଡାକୁ ପୁଣି ସମଲେଇଙ୍କ ପୀଠକୁ ଅଣାଯାଇ ସ୍ଥାପନା କରାଯିବା ସହିତ ୧୬ ପୂଜା ଆରମ୍ଭ ହୋଇଛି। କୋଭିଡ ଗାଇଡ୍ ଲାଇନ୍ ଅନୁଯାୟୀ ପ୍ରଶାସନ, ଦେବୋତ୍ତର ବିଭାଗ ଓ ବଳି ଯାତ୍ରା ପୂଜା କମିଟି ପକ୍ଷରୁ ପୂଜାନୀତି ଅନୁଷ୍ଠିତ ହୋଇଥିଲା। ଯନ୍ତ୍ର, ମନ୍ତ୍ର ଓ ତନ୍ତ୍ରର ପୀଠ ସୁବର୍ଣ୍ଣପୁରର ମହାନ ଆଧାତ୍ମିକ ପରମ୍ପରାର ପରିଚାୟକ ହେଉଛି ଏହି ଯାତ୍ରା। ରାଜା ରାଜୁଡା ଅମଳରୁ ଚାଲି ଆସୁଥିବା ଏହି ଯାତ୍ରା ପାଇଁ ଜିଲାବାସୀଙ୍କ ବିଶେଷ ଶ୍ରଦ୍ଧା, ସମ୍ମାନ ଓ ଭକ୍ତି ରହିଥାଏ। ଖଣ୍ଡାବସା ପୂଜାରେ ସମଲେଇ ମନ୍ଦିରର ପୂଜକ ଷଷ୍ଠି ବଡମାଲି, ଚାରଘରିଆ ଲବ ମଲ୍ଲିକ, ମାଗୁଣି ଜୁଗନିଆ, ସୁରୁ ଜୁଗୁନିଆ, ରବି ଗୁରୁ, ଭାଗବତ ସେଠୀ, ତ୍ରିଲୋଚନ ତରିଆ, ବଳି ଯାତ୍ରା କମିଟିର ସଭ୍ୟ ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ ଓ ଲଡୁ କିଶୋର ମଲ୍ଲିକ ଉପସ୍ଥିତ ଥିଲେ। କୋଭିଡ୍ କଟକଣା ଯୋଗୁ ଚଳିତ ଥର ବଳିଯାତ୍ରା କେବଳ ନୀତିକାନ୍ତି ଅନୁଯାୟୀ ହେବ ବୋଲି ପ୍ରଶାସନ ଓ ଦେବୋତ୍ତର ବିଭାଗ ନିଷ୍ପତ୍ତି ନେଇଛି ।



ସମଲେଇ ମନ୍ଦିରରୁ ଖଣ୍ଡା ନଦୀଘାଟକୁ ନିଆଯାଉଛି।

## ମରୁଡ଼ି ଘୋଷଣା ଦାବିରେ ଧାରଣା

ପାଇକମାଳ,(ଡି.ଏନ.ଏ): ବରଗଡ ଜିଲା ପାଇକମାଳ ବ୍ଲକକୁ ମରୁଡି ଘୋଷଣା ଦାବିରେ ଆଞ୍ଚଳିକ କୃଷକ ମହାସଂଘ,ମାଣ୍ଡୋଷିଲ ତରଫରୁ ବୁଧବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପାଇକମାଳ ତହସିଲଦାର ମନୋଜ କୁମାର ମେହେର ଧାରଣାରତ ଚାଷୀଙ୍କ ସହ ଆଲୋଚନା କରି ଦାବିପତ୍ର ଗ୍ରହଣ କରିଥିଲେ। ଚାଷୀମାନେ କିପରି ଉଚିତ୍ ଦରରେ ଧାନ ବିକ୍ରି କରିପାରିବେ ଓ ପାଇକମାଳ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରାଯିବା ନେଇ ତହସିଲଦାରଙ୍କ ସହ ଚାଷୀମାନେ ଆଲୋଚନା କରିଥିଲେ । ଧାରଣାରେ ରବିନାରାୟଣ ସାହୁ,ଗିରିଶ ଦଣ୍ଡସେନା,ଗଣେଶ ପ୍ରଧାନ, ଗୁପତରାମ ବାରିକ, ଡାଇମଣ୍ଡ ଭୁଏ, ନୃସିଂହ ବନଛୋର ପ୍ରମୁଖ ସାମିଲ ଥିଲେ ।

## ସଂକ୍ଷେପରେ

### ସତ୍ୟ ସିଦ୍ଧାର୍ଥଙ୍କୁ ଡାଇମଣ୍ଡ ଷ୍ଟାର ଆୱାର୍ଡ



ଗୋଲାମୁଣ୍ଡା,୨୯।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ଼ ଅଞ୍ଚଳ ଏନଏସସିର ସତ୍ୟ ସିଦ୍ଧାର୍ଥ ପଣ୍ଡା ୨୦୨୧ବର୍ଷ ନିମନ୍ତେ ଡାଇମଣ୍ଡ ଷ୍ଟାର ଆୱାର୍ଡ ପାଇଛନ୍ତି। ତାଙ୍କୁ ସୁମନ ଆର୍ଟ ଥେଟର ଏକ ପୁରୁଣା ଅର୍ଗାନାଇଜେଶନ ପକ୍ଷରୁ ହାଇଦ୍ରାବାଦ (ତେଲେଙ୍ଗାନା)ଠାରେ ସମ୍ମାନିତ କରି ଏହି ଆୱାର୍ଡ ପ୍ରଦାନ କରାଯାଇଥିଲା। ସେ ଜଣେ ଜୀବନ ଦକ୍ଷତା ପ୍ରଶିକ୍ଷକ ତାଙ୍କର ଏହି କଳା ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ଦୀର୍ଘ ୧୬ବର୍ଷ ଅଭିଜ୍ଞତା ହାସଲ କଲାପରେ ଯୋଗ୍ୟ ବିବେଚିତ ହୋଇ ୨୦୨୧ବର୍ଷ ନିମନ୍ତେ ତାଙ୍କୁ ଏହି ଆୱାର୍ଡ଼ ପ୍ରଦାନ କରାଯାଇଛି। ପଣ୍ଡା ଏହି ଆୱାର୍ଡ ପାଇବା ପରେ ତାଙ୍କୁ ସମ୍ପର୍କୀୟଙ୍କ ସହ ବିଭିନ୍ନ ମହଲରୁ ସୁଭେଚ୍ଛା ସୁଅ ଛୁଟିଛି। ପିତାମାତା, ପରିବାର, ଗୁରୁ, ସହକର୍ମୀ ସଦସ୍ୟଙ୍କୁ ସେ କୃତଜ୍ଞତା ଜଣଉଛନ୍ତି।

### ଗ୍ରାହକ ସେବାକେନ୍ଦ୍ର ପୋଡ଼ିଦେଲେ ଦୁର୍ବୃତ୍ତ



ପଲମ,୨୯।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତସ୍ଥିତ ମୁଣ୍ଡାପଲା ଗ୍ରାମରେ ଥିବା ଗ୍ରାହକ ସେବାକେନ୍ଦ୍ରକୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପୋଡ଼ି ଦେଇଥିବା ଜଣାପଡ଼ିଛି। ଏ ନେଇ ପଲମ ଫାଣ୍ଡିରେ ବୁଧବାର ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇ ପଲମ ଫାଣ୍ଡି ଏଏସଆଇ ଅସିତ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି କରିଥିଲେ। ବର୍ତ୍ତମାନ ସୁଦ୍ଧା କୌଣସି ତଥ୍ୟ ମିଳିନାହିଁ। ମୁଣ୍ଡାପଲା ଗ୍ରାମର ଟୁକୁଚନ୍ଦ୍ର ସାହୁ ଆଜିକୁ କିଛି ବର୍ଷ ହେଲା ଷ୍ଟେଟ୍ ବ୍ୟାଙ୍କ ଶାଖା ପକ୍ଷରୁ ଗୋଟିଏ ଭଡା ଘରେ ଗ୍ରାହକ ଜନସେବା କେନ୍ଦ୍ର ଖୋଲି କାର୍ଯ୍ୟ କରୁଥିଲେ। ମଙ୍ଗଳବାର ରାତି ପ୍ରାୟ ୧ଟା ସମୟରେ ଦୁର୍ବୃତ୍ତମାନେ ଜନସେବା କେନ୍ଦ୍ର ପୋଡ଼ି ଦେଇଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ଏହି କେନ୍ଦ୍ରର କବାଟ ଭାଙ୍ଗି ଷ୍ଟଲରେ ଥିବା କମ୍ପ୍ୟୁଟର, ଜେରକ୍ସ ମେଶିନ, ପ୍ରିଣ୍ଟର, ଥମସ୍ ଆଦି ପ୍ରାୟ ୨ ଲକ୍ଷ ଟଙ୍କାର ସାମଗ୍ରୀ ପୋଡି ଦେଇଛନ୍ତି।

### ରକ୍ତଦାନ ଶିବିର

ଗୁଡ଼ଭେଲା,୨୯।୯(ଡି.ଏନ.ଏ.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନକୁ ସେବା ଓ ସମର୍ପଣ ଅଭିଯାନ ମାଧମରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୭ ପାଳନ କରାଯାଉଛଇ। ଏହିକ୍ରମରେ ଗୁଡଭେଲା ବ୍ଲକ ଓ ତୁଷୁରା ଏନଏସି ଭାଜପା ପକ୍ଷରୁ ବୁଧବାର ତୁଷୁରା ଚିକିତ୍ସାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ ଶୁଭାରମ୍ଭ କରିଥିଲେ। ତୁଷୁରା ମହଲା ମଣ୍ଡଳ, ମାରୱାଡି ଯୁବା ମଞ୍ଚ ଓ ଜାଗୃତି ଶାଖା କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିଥିଲେ। ବରିଷ୍ଠ ଭାଜପା ନେତା ମହେନ୍ଦ୍ର ଠାକୁର, ରାଜ୍ୟ ଯୁବମୋର୍ଚ୍ଚା ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ନରସିଙ୍ଗ ସିଂ, ଜିଲା ଉପସଭାପତି ଦୀନବନ୍ଧୁ ବେହେରା, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପବିତ୍ର ସାହୁ, ସମରା ମଣ୍ଡଳ ସଭାପତି ଭବର ସେଠ, ଗୁଲେଶ୍ୱର ବାଗ ଉପସ୍ଥିତ ଥିଲେ।

### ଦୁର୍ଗାପୂଜା କମିଟି ଗଠିତ

ନୂଆପଡ଼ା ଅଫିସ,୨୯।୯: ନୂଆପଡ଼ା ଜିଲା ତରବୋଡ ଦୁର୍ଗା ମଣ୍ଡପଠାରେ ୪୭ତମ ଦୁର୍ଗାପୂଜା କମିଟି ଗଠିତ ହୋଇଯାଇଛି। ଝାଙ୍କର ଯୋଗେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ନୂତନ ଦୁର୍ଗାପୂଜା କମିଟି କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀକାନ୍ତ ପ୍ରଧାନ, ଉପ ସଭାପତି ଦୁଃଖୀ ଭଞ୍ଜନ ନାୟକ, ସମ୍ପାଦକ ସରଜୁ ନିଆଲ, ସହ ସମ୍ପାଦକ ଗୁପତ ଦୀପ ଓ କୋଷାଧ୍ୟକ୍ଷ ଭାବେ ଅକ୍ଷୟ କୁମାର ଗହୀରଙ୍କୁ ଚୟନ କରାଯାଇଛି। କର୍ତ୍ତା ଭାବେ ତୁଲାରାମ ପ୍ରଦାନ ଓ ଦୁର୍ଲଭି ପ୍ରଧାନଙ୍କୁ ଚୟନ କରାଯାଇଛି। ଉପଦେଷ୍ଟା କମିଟି ଭାବେ ଓମ ପ୍ରକାଶ ପ୍ରଧାନ, ପରଦେଶି ମେହେର, ବେଣୁଧର ଗହୀର, ପରଶ ରାମ ଅହିରଙ୍କୁ ମନୋନୀତ କରାଯାଇଛି।

# ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନକୁ ନେଇ ଉତ୍ତେଜନା

ଲୋଇସିଂହା,୨୯।୯(ଡି.ଏନ.ଏ)

ବକେୟା ବିଦ୍ୟୁତ ବିଲ୍ ଆଦାୟ ବେଳେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ କୁଟାସିଂହା ପଞ୍ଚାୟତ ଅଧୀନ କଣ୍ଟାପାଲି ଗ୍ରାମରେ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଥିଲା। ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ବିଲ୍ ପଡିଥିବା ଗ୍ରାମର ୫ଜଣ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଉଥିବା ବେଳେ ଏହାର ତୀବ୍ର ବିରୋଧ କରାଯାଇଥିଲା। ବିନା ନୋଟିସ୍‌ରେ ସଂଯୋଗ କାଟିବାକୁ ଗ୍ରାମବାସୀ ବାରଣ କରିଥିଲେ। ଏହାକୁ ନେଇ ଉପଭୋକ୍ତା ଓ ବିଦ୍ୟୁତ୍ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ କର୍ମଚାରୀମାନେ ସେକ୍ସନ ଅଫିସରଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ସେକ୍ସନ ଅଫିସର ସନ୍ଦୀପ ପଟ୍ଟନାୟକ କଣ୍ଟାପାଲି ଗାଁରେ ପହଞ୍ଚିଥିଲେ। ସେଠାରେ ସେ ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଗାଁରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ଲୋଇସିଂହା ବିଦ୍ୟୁତ ବିଭାଗ ଏସ୍‌ଡିଓ ଓ ସାଲେଭଟା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା।



ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଓ ପୋଲିସ ଅଧିକାରୀ କଟାପାଲି ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛନ୍ତି।

- ବିନା ନୋଟିସ୍‌ରେ ଲାଇନ କଟାକୁ ତୀବ୍ର ବିରୋଧ
- ବିଦ୍ୟୁତ୍ ବିଭାଗ ସେକ୍ସନ ଅଫିସରଙ୍କ ଗାଡ଼ି ଧକ୍କାରେ ୨ ଆହତ

ଅପରପକ୍ଷରେ କର୍ମଚାରୀଙ୍କଠାରୁ ଅଭିଯୋଗ ପାଇ ସେକ୍ସନ ଅଫିସର ପଟ୍ଟନାୟକକାର(ଓଡି୧୬ଏ୨୭୨୮)ରେ କଣ୍ଟାପାଲି ଯାଉଥିବା ବାଟରେ ହରଭଙ୍ଗା ଗାଁ ସବଷ୍ଟେଶନଠାରେ ସାଇକେଲରେ ଯାଉଥିବା ଗାଁର ବୃଦ୍ଧ ଅକ୍ରୁର ଥନାପତିଙ୍କ ପଛପଟୁ ଧକ୍କା ଦେଇଥିଲେ। ଏହାପରେ ଗ୍ରାମର ତରଭା ବିଭାର ଛେଳି ଚରାଇ ପାଇଁ ଆସୁଥିବାବେଳେ ତାଙ୍କ ଆଡକୁ କାର ମାଡି ଆସୁଥିବା ଦେଖି ଚାଷଜମିକୁ ଡିଆଁ ମାରିବାରୁ ବର୍ତ୍ତି ଯାଇଥିଲେ। ହେଲେ ତାଙ୍କର ଗୋଟିଏ ଛେଳିର ଗୋଡ ଭାଙ୍ଗି ଯାଇଛି। ଅକ୍ରୁର ଓ ଛେଳି ମାଲିକ ବିଭାର ଏ ନେଇ ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ଲୋଇସିଂହା ଥାନା ଏସଆଇ ନବୀନ ଭୋଇ ଓ ସାଲେଭଟା ଫାଣ୍ଡି ଏଏସଆଇ ସୁଶାନ୍ତ ଭୋଇ କହିଛନ୍ତି ଯେ, କଟାପାଲି ଗ୍ରାମବାସୀ ଓ ବିଦ୍ୟୁତ ବିଭାଗ ପରସ୍ପର ବିରୋଧରେ ଥାନାରେ ଏତାଲା ଦେଇଛନ୍ତି।

# କୋଭିଡ୍ କଟକଣାରେ ଦୁର୍ଗାପୂଜା

ଲାଞ୍ଜିଗଡ଼,୨୯।୯(ଡି.ଏନ.ଏ.)

**ଲାଞ୍ଜିଗଡ ଦୁର୍ଗାପୂଜା କମିଟି ପ୍ରସ୍ତୁତି ବୈଠକ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ କୋଭିଡ୍ କଟକଣା ମଧ୍ୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ ଯୁବକ ସଂଘ ସଭାପତି ତଥା ଦୁର୍ଗାପୂଜା କମିଟି ସଭାପତି ହିମାଦ୍ରୀ ପେସନିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ମଧ୍ଯ କୋଭିଡ୍ କଟକଣାରେ ପୂଜ ହେବ ବୋଲି କମିଟି ସଦସ୍ୟମାନଙ୍କ ମଧ୍ୟରେ ମତପ୍ରକାଶ ପାଇଥିଲା। ସରକାରଙ୍କ କୋଭିଡ୍ କଟକଣା ଅନୁସାରେ ପୂଜା ଚଳିତବର୍ଷ ସମସ୍ତ ନିତିକାନ୍ତି ହେବ। ଏଥିରେ ସମସ୍ତ ସଦସ୍ୟଙ୍କ ସମେତ ଲାଞ୍ଜିଗଡ ଅଞ୍ଚଳବାସୀ ସହଯୋଗ କରିବାକୁ ସଭାପତି ପେସିନିଆ ଓ ସମ୍ପାଦକ ଭୁପେନ୍ଦ୍ର ମହାରଥା ନିବେଦନ କରିଥିଲେ। ଏବର୍ଷ ଭୁବନେଶ୍ୱର ନାୟକ ଓ ଦେବକି ନାୟକଙ୍କୁ ପୂଜାକର୍ତ୍ତା ଭାବେ ମନୋନୀତ କରାଯାଇଛି। ବୈଠକରେ ଅତିଥି ଭାବେ ଲାଞ୍ଜିଗଡ ସରପଞ୍ଚ ମଣି ମାଝି, ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ଲାଞ୍ଜିଗଡ ରାଜା ରାଜେନ୍ଦ୍ର ପ୍ରତାପ ସିଂଦେ, ବେଦାନ୍ତ ଆଲୁମିନା ରିଫାଇନେରୀ ଶ୍ରମିକ ସଂଘ ସଭାପତି ସଞ୍ଜୀବ ପେସନିଆ ପ୍ରମୁଖ ଉପସ୍ଥିତ ଥିଲେ। ଉପଦେଷ୍ଟା କମିଟି ଶ୍ରୀମୁଖ ଅଗସ୍ତି, କାମରାଜ ଦଳବେହେରା, ନରେନ୍ଦ୍ର ପଟ୍ଟନାୟକ, ଅଶୋକ ପଟ୍ଟନାୟକ ପ୍ରମୁଖ ରହିଥିଲେ।



ଲାଞ୍ଜିଗଡ଼ଠାରେ ଦୁର୍ଗାପୂଜା ନେଇ ଆଲୋଚନା କରାଯାଉଛି।

# ଜମି ଚିହ୍ନଟ ଦାବି କଲେ ହିତାଧିକାରୀ

ବେଲପଡା,୨୯।୯(ଡି.ଏନ.ଏ.)

ରାଜ୍ୟ ସରକାରଙ୍କଠାରୁ ଗତ ୧୫ବର୍ଷ ତଳେ ଘରଡିହ ପଟ୍ଟା ପାଇଥିଲେ। ହେଲେ ଆଜି ଯାଏ ଜମି ଚିହ୍ନଟ ଦେଇନି ସ୍ଥାନୀୟ ରାଜସ୍ୱ ପ୍ରଶାସନ। ଏ ବିଷୟରେ ବାରମ୍ବାର କହିବା ପରେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ବଲାଙ୍ଗୀର ଜିଲା ବେଲପଡା ବ୍ଲକ ହରିଜନ ପଡାର କେତେକ ଭୂମିହୀନ। ଅନ୍ୟନୋପାୟ ହୋଇ ଶେଷରେ ସେମାନେ ବୁଧବାର ବେଲପଡା ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ହରିଜନ ପଡାର ଭୂମିହୀନମାନେ ବେଲପଡା ତହସିଲ ଗଠନ ପୂର୍ବରୁ ପାଟଣାଗଡ ତହସିଲ ଅଫିସରୁ ବେଲପଡା ମୌଜାରୁ ୪ ଡେସିମିଲ ଲେଖାଏ ଘରବାରି ପଟ୍ଟା ପାଇଥିଲେ। ତେବେ ସେମାନେ କେଉଁଠି ଜମି ପାଇଛନ୍ତି ତାହା ଜାଣି ପାରି ନ ଥିଲେ। ଏପରିକି ପଟ୍ଟା ପାଇଥିବା କେତେଜଣଙ୍କ ଇତିମଧ୍ୟରେ



ଜମି ଚିହ୍ନଟ ପାଇଁ ତହସିଲ ଅଫିସ ସମ୍ମୁଖରେ ଉପସ୍ଥିତ ହିତାଧିକାରୀମାନେ।

**ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ**

ମୃତ୍ୟୁ ହୋଇ ସାରିଲାଣି। ବର୍ତ୍ତମାନ ଆବାସ ଯୋଜନାରେ କେତେକ ହିତାଧିକାରୀ କାର୍ଯ୍ୟାଦେଶ ପାଇଛନ୍ତି। ହେଲେ ଘର ଡିହ ନଥିବାରୁ ବାସଗୃହ ନିର୍ମାଣ କରି ପାରୁନାହାନ୍ତି। ବୁଧବାର ତହସିଲଦାରଙ୍କ ଅନୁପସ୍ଥିତିରେ ମୁଖ୍ୟ କରାଣି ଯୁଗଳ କିଶୋର ରାଉତଙ୍କୁ ଭେଟି ତୁରନ୍ତ ଜମି ଚିହ୍ନଟ ପାଇଁ ଏକ ଦାବିପତ୍ର ଦେଇଛନ୍ତି। ତହସିଲରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ଏପରି ସ୍ଥିତି ହୋଇଛି। ଖୁବଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ସେ ବିକ୍ଷୋଭକାରୀଙ୍କୁ କହିଥିଲେ । ଆସନ୍ତା ୧୫ ଦିନ ମଧ୍ୟରେ ପ୍ରଶାସନ ଜମି ଚିହ୍ନଟ ନ କରାଇଲେ ତହସିଲ ଅଫିସ ସମ୍ମୁଖରେ ଅନଶନରେ ବସିବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ଦେବା ସମୟରେ ତନୁ ନାଗ, ମନଫୁଲ ସୁନା, ବ୍ରଜ କୁମ୍ଭାର, ପଦୁ ମହାନନ୍ଦ, ନିତ୍ୟାନନ୍ଦ ମହାନନ୍ଦ, ବିଲ୍ଲୁତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ଦୁରବସ୍ଥା: ଆନ୍ଦୋଳନ ଲାଗି ସଜବାଜ

ବାଉଁଶୁଣୀ,୨୯।୯(ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଶୁଣ୍ଡିପଦର ଗ୍ରାମ ପଞ୍ଚାୟତ ସେକାମାଲ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା କହିଲେ ନ ସରେ। ବର୍ଷା ଋତୁରେ ଏହି ରାସ୍ତାରେ ଯିବା ଆସିବା କରିବା ପାଇଁ ଗ୍ରାମବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେକାମାଲ ଠାରୁ ଲକ୍ଷ୍ମୀପ୍ରସାଦ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡିଛି । ଯେଉଁଠି ଦେଖ ଖାଲ ଢିପ । ଚାରିଚକିଆ ଗାଡି ଯିବା ଆସିବା କରିବା କଷ୍ଟକର ହୋଇପଡିଛି। ଆମ୍ବୁଲାନ୍ସ ମଧ ଗ୍ରାମକୁ ଯାଇପାରୁନାହିଁ। ଯଦି ପ୍ରଶାସନ ଆଗକୁ ନୀରବ ରହେ ତେବେ ରାଜରାସ୍ତାକୁ ଓହଇବାକୁ ବାଧ ହେବୁ ବୋଲି ଗ୍ରାମର ୱାର୍ଡ଼ ମେମ୍ବର ଉମେଶ ନାଗ କହିଛନ୍ତି ।

## ମା’ ମାହେଶ୍ୱରୀଙ୍କ ପୀଠରେ ବୈଠକ

ବାଉଁଶୁଣୀ,୨୯।୯(ଡି.ଏନ.ଏ.)

ବୌଦ୍ଧ ବ୍ଲକ ମା’ ମାହେଶ୍ୱରୀ ସେନା ବାଉଁଶୁଣୀ ଶାଖା ପକ୍ଷରୁ ମାହେଶ୍ୱରୀଙ୍କ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗକୁ କିପରି ସମାଜ ତଥା ଅଞ୍ଚଳର ବିକାଶ କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ମାହେଶ୍ୱରୀ ସେନାର କମିଟି ଗଠନ କରାଯାଇଥିଲା। ବାଉଁଶୁଣୀ ଶାଖା ମା’ ମାହେଶ୍ୱରୀ ସେନାର ସଂଯୋଜକ ଭାବେ ମହେନ୍ଦ୍ର ମହାକୁଳ, ସହ ସଂଯୋଜକ ବଲ୍ଲଭ ମାହାର, ସ୍ୱାଗତ ମହାକୁଳ, କୋଷାଧକ୍ଷ ସହସ୍ରାଂଶୁ ମହାକୁଳ, ସହ କୋଷାଧକ୍ଷ ଭାବେ ଆନନ୍ଦ ମେଣ୍ଡିଲିକୁ ମନୋନୀତ କରାଯାଇଥିଲା। ମନ୍ଦିରର ମୁଖ୍ୟ ପୂଜକ ବାନାମ୍ବର ଦେହୁରୀ, ଦଶ ପ୍ରଧାନ, ପ୍ରଶାନ୍ତ ମହାକୁଳ, ପରମାନନ୍ଦ ମହାକୁଳ, ନିରଞ୍ଜନ ଛନ୍ଦ, ମୁନା ମହାକୁଳ ପ୍ରମୁଖ ଯୋଗ ଦେଇଥିଲେ।

# ଗ୍ରାମ ସମ୍ବଳ କର୍ମୀଙ୍କୁ ସାମାଜିକ ସମୀକ୍ଷା ତାଲିମ

ଖପ୍ରାଖୋଲ,୨୯।୯(ଡି.ଏନ.ଏ.)

ଖପ୍ରାଖୋଲ ପଞ୍ଚାୟତ ସମିତି ସଭାଗୃହଠାରେ ଗ୍ରାମ୍ୟ ସମ୍ବଳ କର୍ମୀଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଡିଓ ରଶ୍ମିରଞ୍ଜନ ରାଉତ ଶିବିରକୁ ଉଦ୍‌ଘାଟନ କରିଥିଲେ । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ମମତା ଯୋଜନାର ସାମାଜିକ ସମୀକ୍ଷା କିପରି ହେବ ସେନେଇ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟକିଶୋର ଜୟପୁରିଆ, ସିଡିପିଓ ସୁଜାତା ଦୋରା, ଯୋଗାଣ ନିରୀକ୍ଷକ ରାଜାରାମ ହୋତା, ବ୍ଲକ ସାମାଜିକ ସମୀକ୍ଷକ ଅଭୟ ତ୍ରିପାଠୀ, ଶ୍ରବଣ କୁମାର ପାଢୀ, ମମତା ସଂଯୋଜକ ସୁଶୀଲ କୁମାର ନନ୍ଦ ତାଲିମ ପ୍ରତାନ କରିଥିଲେ । ଶିବିରରେ ବ୍ଲକର ସମସ୍ତ ପଞ୍ଚାୟତର ଗ୍ରାମ୍ୟ ସମ୍ବଳ କର୍ମୀ ଯୋଗଦେଇଥିଲେ। ଏପିଓ ସୁଧାଂଶୁ କୁମାର ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମିନିଟ୍ରକ୍ ବୋଝେଇ କାଠ ଜବତ

ମୁରିବାହାଲ,୨୯।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବନାଞ୍ଚଳ ଜଏଁତରା ବିଟ୍ ଜଙ୍ଗଲରୁ ଏକ ମିନିଟ୍ରକ ଯୋଗେ କାଠଗଣ୍ଡି ଚୋରାଚାଲାଣ ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ସ୍ଥାନୀୟ ବନ ବିଭାଗ ହାତରେ ଧରାପଡିଛି। ଟ୍ରକ(ନଂ.ଏମ.ଡି-୩୭ଜିଏ୧୪୬୦)୨୦୦ଖଣ୍ଡରୁ ଊର୍ଦ୍ଧ୍ୱ ଖଇର ଗଣ୍ଡିଥିଲା। ରାତିରେ ଖଇର ଗଣ୍ଡି ଚୋରା ଚାଲାଣ ହେଉଥିବା ନେଇ ବନ ବିଭାଗକୁ ଖବର ମିଳିଥିଲା। ଏହାପରେ ତ୍ରିକାପରା ଓ ଅନ୍ତଲା ଗ୍ରାମ ମଧ୍ୟରେ ଥିବା ବ୍ରିଜ ନିକଟରେ ବିଭାଗୀୟ କର୍ମଚାରୀମାନେ ଟ୍ରକ୍‌କୁ ଜବତ କରିଥିଲେ। ଜବତ କରିବା ପୂର୍ବରୁ କାଠ ମାଫିଆମାନେ ସେଠାରେ ଟ୍ରକ ଛାଡ଼ି ଫେରାର ହୋଇଯାଇଥିଲେ। ମୁରିବାହାଲ ବନାଞ୍ଚଳ ଅଧିକାରୀ ଏବଂ ତାଙ୍କ କର୍ମଚାରୀମାନେ କାଠ ବୋଝେଇ ଟ୍ରକ୍‌କୁ ଜବତ କରି ମୁରିବାହାଲ କାର୍ଯ୍ୟାଳୟକୁ ଆଣିଥିଲେ। ଏହାର ଆନୁମାନିକ ମୂଲ୍ୟ ୫ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଚଢ଼ଉରେ ମୁରିବାହାଲ ରେଞ୍ଜର ନିଳାଦ୍ରୀ ଭୋଇ, ଫରେଷ୍ଟର କାମେଶ୍ୱର ତାଣ୍ଡି, ଜଏଁତରା ବିଟ ଫରେଷ୍ଟର ଧ୍ରୁବ ଚରଣ ବଗର୍ତ୍ତି, ଗୁଲମି ଫରେଷ୍ଟର ପ୍ରଫୁଲ୍ଲ କୁମାର ଜେନା, ଆଦିତ୍ୟ ନନ୍ଦ ପ୍ରମୁଖ ସାମିଲ ଥିଲେ।



ଜବତ କାଠ ବୋଝେଇ ମିନିଟ୍ରକ ପାଖରେ ବିଭାଗୀୟ ଅଧିକାରୀ।

# ଇଣ୍ଡିଆ ବୁକ୍‌ଅଫ୍ ରେକର୍ଡରେ ଆରାଧନା

ଗୋଲାମୁଣ୍ଡା,୨୯।୯(ଡି.ଏନ.ଏ.)

ଇଣ୍ଡିଆ ବୁକ୍‌ଅଫ୍ ରେକର୍ଡ ପକ୍ଷରୁ ହୋଇଥିବା ଏକ ପ୍ରତିଯୋଗିତାରେରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ ବୃନ୍ଦାବାହାଲ ଗ୍ରାମର ଆରାଧନା ରାଉତ କୃତିତ୍ୱ ହାସଲ କରିଛନ୍ତି। ଗୋଲାମୁଣ୍ଡା ବ୍ଲକ ଅଜିତ କୁମାର ରାଉତଙ୍କ ୩ ବର୍ଷର ଝିଅ ଆରାଧନା (ସିଲକି) ଗତ ଅଗଷ୍ଟରେ ଇଣ୍ଡିଆ ବୁକ୍‌ଅଫ୍ ରେକର୍ଡ ପକ୍ଷରୁ ହୋଇଥିବା ପ୍ରତିଯୋଗିତାରେରେ ବିଭିନ୍ନ ଦେଶର ଜାତୀୟ ପତାକା, ମାନବ ଶରୀରର ବିଭିନ୍ନ ଅଙ୍ଗ, କମ୍ପ୍ୟୁଟର ବିଭିନ୍ନ ଅଂଶ, ଅନେକ ସ୍ୱାଧୀନତା ସଂଗ୍ରାମୀ, ବିଭିନ୍ନ ଫଳ, ଐତିହାସିକ ସ୍ଥାନ, ଜାତୀୟ ଚିହ୍ନ, ପନି ପରିବା, ବନ୍ୟ ପଶୁପକ୍ଷୀ, ଗୃହ ପାଳିତ ପଶୁପକ୍ଷୀ, ରାଜ୍ୟ ଓ ରାଜଧାନୀର ନାମ, ତଥା ବିଭିନ୍ନ ବିଷୟର ୨୫ଟି ସାଧାରଣ ଜ୍ଞାନ ପ୍ରଶ୍ନର ଉତ୍ତର, ବିପରୀତ ଶବ୍ଦ ଆଦି ବିଭିନ୍ନ ପ୍ରଶ୍ନର ଉତ୍ତର ନିର୍ଭୁଲ ଭାବେ ଦେଇ ଇଣ୍ଡିଆ ବୁକ୍‌ଅଫ୍ ରେକର୍ଡରେ କୃତକାର୍ଯ୍ୟ ହୋଇଛନ୍ତି। ଅଳ୍ପ ବୟସରେ ଏପରି କୃତିତ୍ୱ ପାଇଁ ଆରାଧନା (ସିଲ୍କି)ଙ୍କ ପାଇଁ ପ୍ରଶଂସାର ସୁଅ ଛୁଟୁଛି।



ଆରାଧନା ରାଉତ।

# ଶିଳ୍ପୋଦ୍ୟୋଗ ସଚେତନତା ଶିବିର

ଗୁଡ଼ଭେଲା,୨୯।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ କେଡିଆ ଭବନଠାରେ ଜିଲା ଶିଳ୍ପକେନ୍ଦ୍ର ଅନୁକୂଲ୍ୟରେ ବୁଧବାର ଶିଳ୍ପୋଦ୍ୟୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ବିଷ୍ଣୁ ପ୍ରସାଦ ବାଗ,ତୁଷୁରା ଏସବିଆଇ ଶାଖାର ପରିଚାଳକ ସତ୍ୟଜିତ ଭୋଇ, ଜିଲା ଶିଳ୍ପ ନିରୀକ୍ଷକ ଏନ.ସି.ପାଣିଗ୍ରହୀ ଓ ଏକ୍ସିସ ବ୍ୟାଙ୍କ ପରଚାଳକ ସୁମିତ ରାଓ ଯୋଗଦେଇଥିଲେ। ଶିଳ୍ପଦ୍ୟୋଗ ମାଧ୍ୟମରେ କିପରି କ୍ୟାରିୟର ଗଢା ଯାଇପାରିବ ଓ ଏଥିପାଇଁ ଥିବା ସରକାରୀ ସୁବିଧା ଆଦି ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ୫୦ଜଣ ଯୁବତୀଯୁବକ ଯୋଗ ଦେଇଥିଲେ। ଗୁଡଭେଲା ବ୍ଲକ ଶିଳ୍ପାଧିକାରୀ ମାନସ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ।

# ମନ ଯେବେ ପାଠ ଖୋଜେ

ଲୋଇସିଂହା,୨୯।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ମନହୀରା ଗ୍ରାମର ରାଜ କିଶୋର ନାଗ(୨୯) । ଜନ୍ମରୁ ସେ ଦୃଷ୍ଟିଶକ୍ତି ହରାଇଛନ୍ତି। ଭିନ୍ନକ୍ଷମ ଯୋଗୁ ବହୁ ବିଳମ୍ବରେ ଆରମ୍ଭ କରିଥିଲେ ପାଠପଢା। ନାନା ପ୍ରତିକୂଳ ପରିସ୍ଥିତିରେ ଏବେ ସେ ଲୋଇସିଂହା କଲେଜ ଯୁକ୍ତ ୩ର ଶେଷ ବର୍ଷ ଛାତ୍ର । ଉଚ୍ଚ ଶିକ୍ଷା ସାରି ଓଡିଆ ଅଧ୍ୟାପକ ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଦୃଷ୍ଟିଶକ୍ତି ତାଙ୍କ ପାଠପଢାରେ ବାଧକ ସାଜିନାହିଁ । ଦୃଷ୍ଟିଶକ୍ତି ନ ଥାଇ ମଧ୍ୟ ନିଜ କାମ ନିଜେ କରୁଛନ୍ତି। ମଣିଷ ଜୀବନ ସଂଘର୍ଷମୟ ଜୀବନ। ସଂଘର୍ଷ କଲେ ହିଁ ସଫଳତାର ଶୀର୍ଷକୁ ପହଞ୍ଚି ପାରିବା ଭାବନା ରଖି ରାଜକିଶୋର ଉଦ୍ୟମ ଜାରି ରଖିଛନ୍ତି।

ମନହୀରା ଗାଁର ପ୍ରମିଳା ବାଗ ଓ ଉମାଶଙ୍କର ବାଗଙ୍କ ଦୁଇ ଝିଅପୁଅଙ୍କ ମଧ୍ୟରେ ରାଜକିଶୋର ବଡ଼ । ୧୯୯୨ ମସିହାରେ ଜନ୍ମିତ ରଞ୍ଜନ ୨୦୧୧ ମସିହାରେ କୋରାପୁଟ ବିଏଲ





- ଅଧାପକ ହେବାକୁ ଆଶା ରଖିଛନ୍ତି ରାଜକିଶୋର
- ଦୃଷ୍ଟିହୀନଙ୍କ ପାଇଁ ଉଦ୍ଦିଷ୍ଟ ବହି ଯୋଗାଇ ଦିଆଯାଉନି
- ସ୍ମାର୍ଟ ଫୋନ, ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେବାକୁ ଦାବି

ହାଇସ୍କୁଲରୁ ମାଟ୍ରିକ ପାସ୍ କରିଥିଲେ। ଏହାପରେ ବରଗଡ଼ ଜିଲା ତାଳପାଲି କଲେଜରୁ ପାସ୍ କରିଥିଲେ ଯୁକ୍ତଦୁଇ। ଏହି ସମୟରେ ମାତ୍ର ୨୦ବର୍ଷ ବୟସରେ ପରିବାର ଲୋକେ ତାଙ୍କର ବିବାହ କରାଇ ଦେଇଥଲେ। ସଂସାର ବନ୍ଧନରେ ବାନ୍ଧି ହୋଇଥିଲେ ବି ସେ ପାଠପଢାରୁ ବିରତ ରହି ନ ଥିଲେ। ୨୦୧୬ରେ ସିଟି ପାଇଁ ନାମ ଲେଖାଇଲେ ଓ ୨୦୧୮ରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଲେ। ସଂସାର ଜଞ୍ଜାଳରେ ଛନ୍ଦି ହୋଇ ରହିଥିବା ରାଜକିଶୋରଙ୍କ ଉଚ୍ଚଶିକ୍ଷାରେ ବାଧକ ସାଜୁଥିଲା ଭିନ୍ନକ୍ଷମତା ଓ ଅର୍ଥ। ହେଲେ ଏଥିରେ ଭାଙ୍ଗି ନ ପଡି ଲୋଇସିଂହା କଲେଜର ଯୁକ୍ତ ୩ରେ ସେ ନାମ ଲେଖାଇଲେ । ହେଲେ ଏହି ସନ୍ଦିକ୍ଷଣ ମୁହୂର୍ତ୍ତରେ ରାଜକିଶୋର ସ୍ତ୍ରୀଙ୍କୁ ହରାଇଲେ। ଏସବୁ ସତ୍ତ୍ୱେ ସେ ଓଡିଆ ସମ୍ମାନର ଶେଷ ବର୍ଷ ଛାତ୍ର। ଆଗକୁ ପିଜି କରି ଓଡିଆ ଅଧ୍ୟାପକ ହେବାକୁ ସେ ଆଶା ରଖିଛନ୍ତି। ଏଥିସହ ବଲାଙ୍ଗୀର ପଞ୍ଚମ ମହାବିଦ୍ୟାଳୟରେ ହିନ୍ଦୁସ୍ଥାନୀ ଭୋକାଲ କ୍ଲାସିକାଲ ଶାସ୍ତ୍ରୀୟ ସଙ୍ଗୀତରେ ପ୍ରଶିକ୍ଷଣ ନେଉଛନ୍ତି। ଛାତ୍ର ଜୀବନରେ ବହୁ ସ୍ଥାନରେ ସେ ସମ୍ମାନୀତ ବି ହୋଇଛନ୍ତି। ରାଜକିଶୋରଙ୍କ କହିବାନୁସାରେ ଦୃଷ୍ଟିହୀନ ପିଲାଙ୍କ ପାଇଁ ଉଦ୍ଦିଷ୍ଟ କୌଣସି ସାମଗ୍ରୀ ତାଙ୍କୁ ଯୋଗାଇ ଦିଆଯାଇନାହିଁ। ଭିନ୍ନକ୍ଷମ ଭତ୍ତା ବାବଦକୁ ପ୍ରତି ମାସରେ ମିଳୁଛି ୭ଶହଟଙ୍କା। କଲେଜରେ ତାଙ୍କୁ ନ୍ୟାଶନାଲ ସ୍କୋଲାରଶିପ୍ ପୋର୍ଟାଲ(ଏନଏସପି)ରେ ୧୩ହଜାର ୫ଶହ ଟଙ୍କା ମିଳିଛି। ଏହାବ୍ୟତୀତ ଅନ୍ୟ କୌଣସି ସରକାରୀ ସହାୟତା ତାଙ୍କୁ ମିଳିନାହିଁ। ତାଙ୍କ ବାପା ଉମାଶଙ୍କର କହନ୍ତି, ବିବାହର ଦଶବର୍ଷ ପରେ ପୁଅ ଜନ୍ମ ହୋଇଥିଲା । ଦୃଷ୍ଟିବାଧିତ ପୁଅ ପାଇଁ ଭାଙ୍ଗି ପଡିଥିଲି। ପୁଅର ଚିକିତ୍ସା ପାଇଁ ବିଭିନ୍ନ ମେଡିକାଲ ବୁଲି କାମ କରୁଥିବା ମୃତ୍ତିକା ସଂରକ୍ଷଣ ବିଭାଗରୁ ଚାକିରି ହରାଇଥିଲି । ଏବେ ପୁଅ ବଡକଷ୍ଟରେ ଉଚ୍ଚ ଶିକ୍ଷା କରୁଛି। ଚାଷ ବ୍ୟତୀତ ଅନ୍ୟ କୌଣସି ଆୟପନ୍ଥା ନ ଥିବାରୁ ସେ ବି ପୁଅକୁ ବିଶେଷ କିଛି ସହଯୋଗ କରି ପାରୁ ନାହାନ୍ତି ବୋଲି କହିଛନ୍ତି ଉମାଶଙ୍କର।